# ଦୂରହେଉନାହିଁ ଆବାସ ଦ୍ୱନ୍ଦ୍ୱ

**ରସୁଲପୁର,୨୪।୬(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅଧୀନ ୨୮ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଦ୍ୱନ୍ଦ୍ୱ ଦୂର ହୋଇପାରୁନାହିଁ। ହିତାଧିକାରୀଙ୍କୁ ଯୋଡ଼ିବା ଓ ବାଦ୍ ଦେବା ପ୍ରକ୍ରିୟା ଜାରି ରହିଛି। ଏହାରି ଭିତରେ କେତେଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ସହ ପ୍ରଥମ କିସ୍ତି ପୈଠ କରି ପ୍ରଶାସନ ନିଜ ମୁଣ୍ଡରୁ ଦୋଷ ଛଡ଼ାଇବାକୁ ପ୍ରୟାସ କରୁଛି। ମାତ୍ର ଏବେ ବି ବ୍ଲକ୍‌ର ୧୦୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଓ ପ୍ରଥମକିସ୍ତି ମିଳିନାହିଁ।

ରାଜ୍ୟ ସରକାରଙ୍କ ଗ୍ରାମୀଣ ଆବାସ(ଆର୍‌ଏଚ୍) ୱେବ୍‌ସାଇଟ୍ ଓ କେନ୍ଦ୍ର ସରକାରଙ୍କ ଆବାସ ପ୍ଲସ(ଏଡବ୍ଲ୍ୟୁଏସ୍ ପ୍ଲସ) ୱେବ୍‌ସାଇଟରେ ହିତାଧିକାରୀଙ୍କ ସଂଖ୍ୟାରେ ତାଳମେଳ ରହୁନାହିଁ। ତେଣେ ଚୂଡ଼ାନ୍ତ ତାଲିକାରେ ଥିବା ତ୍ରୁଟି ସୁଧାରିବାକୁ ପ୍ରୟାସ କରାଯାଉଛି। ଉକ୍ତ ବ୍ଲକରେ ଆବାସ ଟାର୍ଗେଟ ସଂଖ୍ୟା ୨୫୦୭ ହୋଇଥିବାବେଳେ ଆବାସ ପ୍ଲସ ୱେବ୍‌ସାଇଟ୍‌ରେ ହିତାଧିକାରୀଙ୍କ ସଂଖ୍ୟା ୨୫୯୮ ଥିବା ସୂଚନା ମିଳିଛି। ଏଥିମଧ୍ୟରେ ୧୫୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ମିଳିସାରିଛି। ବାକି ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଓ ପ୍ରଥମକିସ୍ତି ମିଳିବାରେ ବିଳମ୍ବ ଘଟୁଛି। ତେବେ ତଦନ୍ତ ଅଧିକାରୀ ଓ ଜନପ୍ରତିନିଧିଙ୍କ ମଧ୍ୟରେ ସହମତି ହୋଇପାରୁ ନ ଥିବାରୁ ନିର୍ଭୁଲ୍ ତାଲିକା ପ୍ରସ୍ତୁତ ହେଉନାହିଁ। ଏହାରି ଭିତରେ ମାମଲାକୁ ନେଇ ଅସନ୍ତୋଷ ବଢ଼ୁଛି। ତେଣୁ ଯୋଜନାରୁ ବାଦ୍ ପଡ଼ିଥିବା କେତେ ଜଣ ବ୍ୟକ୍ତି ଆଇନର ଆଶ୍ରୟ ନେବେ ବୋଲି ସୂଚନା ମିଳିଛି।

୨୦୧୭-୧୮ରୁ ଗ୍ରାମୀଣ ଆବାସ ପାଇଁ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ ହେଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବିଜୁ ପକ୍କାଘର ଯୋଜନା ବନ୍ଦ ହେବାପରେ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସରୁ ଯୋଗ୍ୟ ହିତାଧିକାରୀଙ୍କୁ ସହାୟତା ଯୋଗାଇ ଦିଆଯିବା ନିଶ୍ଚିତ ହୋଇସାରିଛି। ପଞ୍ଚାୟତସ୍ତରରେ ହିତାଧିକାରୀଙ୍କ ସଂଖ୍ୟା ଟାର୍ଗେଟଠାରୁ ଅଧିକ ରହିଯାଇଛି। ସେଥିମଧ୍ୟରୁ ଅଯୋଗ୍ୟଙ୍କୁ ବାଦ୍‌ଦେବାକୁ ଡିସେମ୍ବର ୨୦୨୨ରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବ୍ଲକ ପକ୍ଷରୁ ପଞ୍ଚାୟତର ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଗ୍ରାମ ରୋଜଗାର ସେବକଙ୍କୁ ନେଇ ୩ଜଣିଆ କମିଟି ଗଠନ ହୋଇଥିଲା। ଚଳିତ ବର୍ଷ ଜାନୁୟାରୀରେ କମିଟି ପକ୍ଷରୁ ପ୍ରଦତ୍ତ ରିପୋର୍ଟ ଆଧାରରେ ପଞ୍ଚାୟତ କାର୍ଯ୍ୟାଳୟରେ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ଝୁଲାଯାଇଥିଲା। ଉକ୍ତ ତାଲିକାରେ ଥିବା ତ୍ରୁଟିବିଚ୍ୟୁତିକୁ ନେଇ ଜନସାଧାରଣଙ୍କଠାରୁ ଅଭିଯୋଗ ଆହ୍ୱାନ କରାଯାଇଥିଲା। ଅଭିଯୋଗ ଆଧାରରେ ପୁନଃ ତଦନ୍ତ କରାଯାଇ ବ୍ଲକକୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ପରେ ଉକ୍ତ ରିପୋର୍ଟକୁ ଗ୍ରାମସଭା ମାଧ୍ୟମରେ ନିୟମିତ କରିବାକୁ ପ୍ରୟାସ କରାଯାଇଥିଲା। ଏହି ଆଧାରରେ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ ହୋଇଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଛି। ହେଲେ ଏଯାଏ ଆବାସ ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଥିବା ସମସ୍ତ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ମିଳିପାରିନାହିଁ।

ସମସ୍ତ ପର୍ଯ୍ୟାୟ ଶେଷ ହେବା ପରେ ବି ତାଲିକାକୁ ନେଇ ନାନା ଅଭିଯୋଗ ଉଠୁଛି। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ଚାପ ଯୋଗୁ ଚଳିତ ମାସ ଶେଷ ସୁଦ୍ଧା ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ ଶେଷ କରିବାକୁ ପ୍ରଶାସନ ଲକ୍ଷ୍ୟ ରଖିଛି। ମାତ୍ର ଚୂଡ଼ାନ୍ତ ତାଲିକାରେ ତ୍ରୁଟିଥିବାରୁ ପ୍ରକ୍ରିୟା ସମ୍ପନ୍ନ ହେବାରେ ଅଡୁଆ ପରିସ୍ଥିତି ଉପୁଜିଛି। ତ୍ରୁଟିଗୁଡ଼ିକ ହେଲା କେତେଜଣ ହିତାଧିକାରୀଙ୍କ ନାମ ପ୍ରକାଶନ ତାଲିକାରେ ନ ଥାଇ ବି ଚୂଡ଼ାନ୍ତ ତାଲିକାରେ ରହିଛି। ଆଉ କେତେଜଣଙ୍କ ନାମ ପ୍ରକାଶନ ତାଲିକାରେ ରହିଛି, ମାତ୍ର ତଦନ୍ତ ରିପୋର୍ଟରେ ଅଯୋଗ୍ୟ ନ ହୋଇ ଥାଇ ବି ସେମାନଙ୍କ ନାମ ଚୂଡାନ୍ତ ତାଲିକାରୁ ବାଦ୍ ପଡିଛି। କେତେଜଣ ହିତାଧିକାରୀଙ୍କ ପାଇଁ ବ୍ଲକ ପକ୍ଷରୁ କେସ୍ ରେକର୍ଡ ଖୋଲାଯାଇଛି। ମାତ୍ର କାର୍ଯ୍ୟାଦେଶ ପ୍ରଦାନ ପୂର୍ବରୁ ଘର କରିବା ସ୍ଥାନରେ ଜିଓ ଟ୍ୟାଗକରି ଫଟୋ ଉଠାଗଲାବେଳକୁ ତାହା ମୋବାଇଲରେ ପ୍ରଦର୍ଶିତ ହେଉ ନ ଥିବାରୁ ଫଟୋ ଉଠାଯାଇ ପାରୁନାହିଁ। ସେହି ବର୍ଗଙ୍କୁ କାର୍ଯ୍ୟାଦେଶ ଓ ପ୍ରଥମ କିସ୍ତି ପ୍ରଦାନରେ ବାଧା ସୃଷ୍ଟି ହେଉଛି। କାର୍ଯ୍ୟାଦେଶ ପ୍ରଦାନରେ ବିଳମ୍ବ ହେଉଥିବାରୁ ନିର୍ଦ୍ଧାରିତ ସମୟରେ ଘର ଶେଷ ହେବାରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏବେ ବର୍ଷା ଆରମ୍ଭ ହୋଇଯାଇଥିବାରୁ ହିତାଧିକାରୀଙ୍କୁ ସାମଗ୍ରୀ ଯୋଗାଡ଼ କରିବା କଷ୍ଟକର ହୋଇପଡ଼ିଛି। ଏହାବାଦ୍ ବର୍ଷାଦିନ ଆରମ୍ଭରୁ କାର୍ଯ୍ୟାଦେଶ ମିଳିଯିବା ସମ୍ଭାବନା ଥିବା ଜାଣି କେତେଜଣ ହିତାଧିକାରୀ ଚାଳଛପର ଛାଆଣି କରିନାହାନ୍ତି। ତେଣୁ ଏବେ ସେମାନେ ଦୁର୍ବଳ ଚାଳଛପର ତଳେ ମୁଣ୍ଡ ଗୁଞ୍ଜିବାକୁ ବାଧ୍ୟ ହେଉଛନ୍ତି। ଏଭଳି ନାନା ତ୍ରୁଟିବିଚ୍ୟୁତିକୁ ନେଇ ଆବାସ ଯୋଜନାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏ ସମ୍ପର୍କରେ ବିଡିଓ ଅବନିକାନ୍ତ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ବୈଷୟିକ କାରଣରୁ ଚୂଡ଼ାନ୍ତ ତାଲିକାରେ କିଛିଟା ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୋଇଥିବା ଲକ୍ଷ୍ୟ କରାଯାଉଛି। ଏହାର ସମାଧାନ ପାଇଁ ଜିଲା ପ୍ରଶାସନ ସହ ଯୋଗାଯୋଗ କରାଯାଉଛି। ପର୍ଯ୍ୟାୟକ୍ରମେ ସମସ୍ତ ସମସ୍ୟା ଦୂର ହେବ।

**ରସୁଲପୁର ବ୍ଲକ୍**

- ୧୦୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ମିଳିବାରେ ବିଳମ୍ବ
- ଯୋଜନାରୁ ବାଦ୍ ବ୍ୟକ୍ତି ଆଇନର ଆଶ୍ରୟ ନେବାକୁ ସଜବାଜ

# ଅନାଥ ପୂଜାରାଣୀ ହେଲେ ବୋହୂରାଣୀ



ପୂଜାରାଣୀଙ୍କ ମଥାରେ ସିନ୍ଦୂର ପିନ୍ଧାଉଛନ୍ତି ବିଜୟ।

**ଯାଜପର ସଦର,୨୪।୬ (ସମର ବିଜୟ ଶରଣ):**

ଯାଜପୁର ନିକଟସ୍ଥ ବାହାବଳପୁର ଲକ୍ଷ୍ମୀନାରାୟଣ ସେବା ପ୍ରତିଷ୍ଠାନ ସୁଧାର ଗୃହରେ ଥିବା ଅନାଥ ପୂଜାରାଣୀ ହୋଇଛନ୍ତି ବୋହୂରାଣୀ। ବରହଠା ସିନ୍ଦୁରାହିମୁହଁ ଗ୍ରାମର ପିତାମାତାଙ୍କୁ ହରାଇଥିବା ବିଜୟ କୁମାର ଓଝା ବରବେଶରେ ବାଜା ଓ ରୋଶଣି କରି ପହଞ୍ଚି ସୁଧାର ଗୃହକୁ ନିଜର ଘର ଭାବେ ଆପଣାଇଥିବା ପୂଜାରାଣୀଙ୍କୁ ବୈଦିକ ରୀତିନୀତିରେ ବିବାହ କରିଛନ୍ତି। କନ୍ୟା ଘର ପକ୍ଷରୁ ଲକ୍ଷ୍ମୀନାରାୟଣ ସେବା ପ୍ରତିଷ୍ଠାନର ସମ୍ପାଦକ ପରେସ୍ ମଲ୍ଲିକ ଓ ସୁଧାର ଗୃହ ସୁପରିଣ୍ଟେଣ୍ଡେଣ୍ଟ ସୁଲତା ଦାସ ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ, ସମାଜ ମଙ୍ଗଳ ଅଧିକାରୀ ମୁଲତା ନାୟକ, ଶିଶୁ ସୁରକ୍ଷା କମିଟି ଅଧ୍ୟକ୍ଷା ରେକ୍‌ସୋନା ଜେନା ଓ ପ୍ରକଳ୍ପ ସଂଯୋଜକ ସଂଯୁକ୍ତା ଘଡ଼ାଇ ପ୍ରମୁଖ ଯୋଗଦେଇ ବରକନ୍ୟାଙ୍କୁ ଆଶୀର୍ବାଦ କରିଥିଲେ। ଗ୍ରାମବାସୀ, ଅନ୍ତେବାସୀ ଓ ବଦାନ୍ୟ ବ୍ୟକ୍ତିମାନେ ବିଭିନ୍ନ ଉପହାର ବରକନ୍ୟାଙ୍କୁ ପ୍ରଦାନ କରିଥିଲେ। ଲକ୍ଷ୍ମୀନାରାୟଣ ପ୍ରତିଷ୍ଠାନର ଏଭଳି କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ଚଳଚ୍ଚିତ୍ର ପ୍ରଯୋଜକ ସିତାଂଶୁ ମହାନ୍ତିଙ୍କ ସମେତ ୩ ଗିରଫ

**ପାଣିକୋଇଲି,୨୪।୬(ବିକାଶ ମଲ୍ଲିକ):**

ଯାଜପୁର ଜିଲା ପାଣିକୋଇଲି ପୋଲିସ ଶନିବାର ୩ଟି ପୃଥକ୍ ମାମଲାରେ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଚଳଚ୍ଚିତ୍ର ପ୍ରଯୋଜକ କେନ୍ଦ୍ରାପଡ଼ା ଜିଲା ଖନ୍ତାପଡ଼ା ଗ୍ରାମର ଦୀପ୍ତିରଞ୍ଜନ ଓରଫ୍ ସିତାଂଶୁ ମହାନ୍ତି, ବାଲେଶ୍ୱର ଜିଲା ଗୋପାଳପୁର ଥାନା ଅନ୍ତର୍ଗତ କଲ୍ୟାଣୀ ଗ୍ରାମର ହରେକୃଷ୍ଣ ଦତ୍ତ ଓ ପାଣିକୋଇଲି ଥାନା ତାଲୁଙ୍ଗା ଗ୍ରାମର ନାରାୟଣ ସାହୁ।

ଅଭିଯୋଗ ମୁତାବକ, ୨୦୨୨ ଅକ୍ଟୋବର ୨୬ରେ ପାଣିକୋଇଲି ଦୁର୍ଗା ମାର୍କେଟର ସୁକାନ୍ତ ସାହୁଙ୍କ ଘର ପାଖରୁ କେହି ଦୁର୍ବୃତ୍ତ ଏକ ପିକଅପ୍ ଭ୍ୟାନ୍ ଯୋଗେ ତାଙ୍କ କଂକ୍ରିଟ୍ ମିକଶ୍ଚର ମେଶିନ ଚୋରାଇ ନେଇଥିଲେ। ଏନେଇ ସୁକାନ୍ତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୨୬୩/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଟୋଲ୍ ଗେଟ୍ ଦେଇ ମିକଶ୍ଚର ମେଶିନ ନେଇ ଯାଇଥିବା ପିକ୍‌ଅପ୍ ଭ୍ୟାନ୍ (ଓଡି-୦୫-ଏପି-୩୯୩୭)କୁ ପୋଲିସ ତଦନ୍ତ ଭୁକ୍ତ କରିବା ପରେ ଘଟଣାର ଗୁମର ଖୋଲିଥିଲା। ଏଥିରେ ସୀତାଂଶୁ ମହାନ୍ତି ମୁଖ୍ୟ ବୋଲି ଜଣାପଡ଼ିଥିଲା। ସେ ନିଜକୁ ଚଳଚ୍ଚିତ୍ର ପ୍ରଯୋଜକ କହୁଥିବାବେଳେ ରାସ୍ତା ପର୍ଶ୍ୱରେ ମିକଶ୍ଚର ମେଶିନ ଦେଖି ଚୋରି ବାଟ ଖୋଜିଥିଲେ। ପିକଅପ୍ ଭ୍ୟାନ୍‌କୁ ଫୋନ ଯୋଗେ ଡକାଇ ମେଶିନଟିକୁ ନେଇ ପଳାଇଥିଲେ। ବାଟରେ କେହିବି ଏହାକୁ ସନ୍ଦେହ କରି ନ ଥିଲେ। ପୋଲିସ ପିକ୍‌ଅପ୍ ଭ୍ୟାନ୍‌କୁ ଧରିବା ପରେ ସମସ୍ତ ଘଟଣା ଜଣାପଡ଼ିଥିଲା। ଫଳରେ ପୋଲିସ ସିତାଶୁଂଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ତାଙ୍କୁ ଦଫା ୩୭୯ରେ କୋର୍ଟଚାଲାଣ କରାଯାଇଛି। ସେହିପରି ଜୁନ ୪ ତାରିଖ ପାଣିକୋଇଲି ଥାନା ଅର୍ନ୍ତଗତ ନମିଟିକରି ଗ୍ରାମ ନିକଟରେ ପାଇପ୍ ଷ୍ଟକ ୟାର୍ଡରୁ ଏକ ଟ୍ରକ ଯୋଗେ ପାଇପ୍ ଚୋରି କରୁଥିବାବେଳେ ଗ୍ରାମବାସୀ କେତେଜଣଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ପୋଲିସ ମାମଲା ନଂ.୧୩୩/୨୩ ରୁଜୁ କରି ପୂର୍ବରୁ ୩ ଜଣଙ୍କୁ ଗିରଫ କରିଥିବାବେଳେ ଶେଷରେ ହରେକୃଷ୍ଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେହିପରି ପାଣିକୋଇଲି ଥାନା ତାଲୁଙ୍ଗା ଗ୍ରାମରେ ଗଣ୍ଡଗୋଳ ଘଟଣାରେ ୨ଟି ମାମଲା ରୁଜୁ କରାଯାଇ ପୂର୍ବରୁ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ବେଳେ ପ୍ରତିପକ୍ଷ ନାରାୟଣଙ୍କୁ ମାମଲା ନଂ.୧୪୮/୨୩ରେ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

**ପାଣିକୋଇଲି ଥାନାରେ ୩ ପୃଥକ୍ ମାମଲା**



ଗିରଫ ସିତାଂଶୁ ମହାନ୍ତି।

# ହେରାପଞ୍ଚମୀରେ ରଥ ଭାଙ୍ଗିଲେ ମା' ଲକ୍ଷ୍ମୀ



ହେରାପଞ୍ଚମୀ ଉପଲକ୍ଷେ ମାଉସୀମା ମନ୍ଦିର ଅଭିମୁଖେ ମା' ମହାଲକ୍ଷ୍ମୀଙ୍କ ବିଜେ ପ୍ରତିମା।

**କେନ୍ଦ୍ରାପଡ଼ା,୨୪।୬(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାର ତୁଳସୀ କ୍ଷେତ୍ରାଧିପତି ମହାପ୍ରଭୁ ଶ୍ରୀବଳଦେବଜୀଉଙ୍କ ହେରାପଞ୍ଚମୀ ନୀତି ପାରମ୍ପରିକ ଭାବେ ଶନିବାର ସନ୍ଧ୍ୟାରେ ସମ୍ପର୍ଣ୍ଣ ହୋଇଯାଇଛି । ମାଉସୀ ମା' ମନ୍ଦିରର ଆଡପ ମଣ୍ଡପରେ ବିରାଜିତ ଶ୍ରୀଜୀଉଙ୍କ ରୀତିନୀତି ପରେ ମୁଖ୍ୟଦେଉଳରୁ ମାଆ ମହାଲକ୍ଷ୍ମୀଙ୍କ ଚଳନ୍ତି ପ୍ରତିମାକୁ ଏକ ସ୍ୱତନ୍ତ୍ର ବିମାନରେ ବ୍ରହ୍ମ ତାଳଧ୍ୱଜ ରଥ ନିକଟକୁ ନିଆଯାଇଥିଲା । ଏହି ସମୟରେ ଦେବୋତ୍ତର କାର୍ଯ୍ୟାଳୟ ମା'ଙ୍କୁ ପଂକ୍ତି ଭୋଗ ଅର୍ପଣ କରାଯାଇଥିଲା । ପରେ ମାଆଙ୍କ ବିମାନ ମାଉସୀମା ମନ୍ଦିରକୁ ଗମନ କରିଥିଲେ । ଆଡପ ମଣ୍ଡପରେ ସେବାୟତଙ୍କ ଦ୍ୱାରା ଶ୍ରୀଜୀଉ ଓ ମାଆଙ୍କ ମଧ୍ୟରେ ବାଦାନୁବାଦ ହୋଇଥିଲା । ନବଦିନ ଯାତ୍ରା ପରେ ଶ୍ରୀଜୀଉ ମନ୍ଦିରକୁ ଫେରିବେ ବୋଲି ଜାଣିବା ପରେ ମାଆ ଉତ୍‌କ୍ଷିପ୍ତ ହୋଇ ମାଉସୀମା ମନ୍ଦିରରୁ ବାହାରି ରଥ ନିକଟରେ ପହଞ୍ଚି ରୀତିନୀତି ଅନୁଯାୟୀ ରଥ କାଠ ଭାଙ୍ଗି ଥିଲେ । ପରେ ମାଆ ଲକ୍ଷ୍ମୀଙ୍କ ବିଜେ ପ୍ରତିମା ମୁଖ୍ୟ ଦେଉଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ସେହିପରି ତମାଳଶାସନ କ୍ଷେତ୍ରାଧିପତି ଶ୍ରୀ ଦଧିବାମନଜୀଉଙ୍କ ହେରା ପଞ୍ଚମୀ ନୀତି ସମ୍ପର୍ଣ୍ଣ ହୋଇଛି। ଏହି ନୀତିକୁ ଶ୍ରୀ ଦଧିବାମନଜୀଉଙ୍କ ସେବାୟତମାନେ ସମ୍ପର୍ଣ୍ଣ କରିଥିଲେ ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଏରସମା,୨୪।୬ (ଦୀପ୍ତିରଞ୍ଜନ ଖଣ୍ଡୁଆଳ ):**

ଏରସମା ଥାନା ଅନ୍ତର୍ଗତ କୁଞ୍ଜକୋଠି ଗ୍ରାମର ଏକ ଘେରିରେ କାମକରୁଥିବା ଜଣେ ମହିଳାଙ୍କର ଶନିବାର ସନ୍ଦେହଜନକ ମୃତ୍ୟୁ ଘଟିଛି । ସେ ହେଲେ କେଉଁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ପଣଷଡ଼ିହି ଗ୍ରାମର କୃଷ୍ଣ ମହାରଣାଙ୍କ ସ୍ତ୍ରୀ ହରା ନାୟକ। ଏହି ଦମ୍ପତି କୁଞ୍ଜକୋଠି ଗ୍ରାମର ଏକ ଘେରିରେ ରହି କାମ କରୁଥିଲେ। ଶନିବାର ସକାଳେ କୃଷ୍ଣଙ୍କ ଡାକ ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ହାରାଙ୍କୁ ଅଚେତ ଅବସ୍ଥାରେ ଚିକିତ୍ସା ନିମନ୍ତେ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଏରସମା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତଦେହ ଜବତ କରିବା ସହ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଏନେଇ ଥାନାରେ ମାମଲା (ନଂ. ୮/୨୩ )ରୁଜୁ ହୋଇଛି।

# ବ୍ରାହ୍ମଣୀରେ କୁମ୍ଭୀର ଆତଙ୍କ

**ବିରାଟକାୟ କୁମ୍ଭୀର ଦେଖି ଲୋକେ ଛାନିଆ**

**କେନ୍ଦ୍ରାପଡ଼ା,୨୪।୬(ଜଗନ୍ନାଥ ଧଳ)**

ଗତ କିଛିଦିନ ତଳେ କୁମ୍ଭୀର ଆକ୍ରମଣରେ ଜଣେ ନାବାଳକ ଓ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ଏହି ଘଟଣା ଲୋକଙ୍କ ମନରୁ ନ ଲିଭୁଣୁ ପୁଣି ଥରେ ବ୍ରାହ୍ମଣୀ ନଦୀରେ ଏକ ବିରାଟକାୟ କୁମ୍ଭୀର ଦେଖାଦେବା ନଦୀକୂଳ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି । ୨ଜଣଙ୍କ ମୃତ୍ୟୁ ପରେ ବି ଜଙ୍ଗଲବିଭାଗ ଓ ପ୍ରଶାସନ ନୀରବ ରହିବା ଲୋକମାନଙ୍କୁ ବିସ୍ମିତ କରିଛି । ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ କଷଣଅଣ୍ଟା ଗ୍ରାମସଂଲଗ୍ନ ପତ୍ରପୁର ଘାଟ ବ୍ରାହ୍ମଣୀ ନଦୀରେ ଏକ ବଡ଼ ବଉଳାକୁମ୍ଭୀର ଯାତାୟାତ କରୁଛି । ଉଭୟ କଷଣଅଣ୍ଟା ଓ ପତ୍ରପୁର ଗ୍ରାମବାସୀ ସମେତ ନଦୀ ଉପକୂଳ ଗ୍ରାମବାସୀ ସେହି କୁମ୍ଭୀରକୁ ଦେଖି ଭୟଭୀତ ହୋଇପଡିଛନ୍ତି । ପ୍ରତିଦିନ ନଦୀ ଉପରେ ନିର୍ଭର କରୁଥିବା ଲୋକମାନେ ନଦୀକୁ ଯାଉନାହାନ୍ତି। ସେହି କୁମ୍ଭୀରକୁ ନେଇ ବ୍ରାହ୍ମଣୀ ନଦୀ ତଟରେ ଥିବା ପଟ୍ଟାମୁଣ୍ଡାଇ ଓ ଆଳି ବ୍ଲକର ବହୁ ପଞ୍ଚାୟତର ଲୋକମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି। ପଟ୍ଟାମୁଣ୍ଡାଇ, ଆଳି ଓ ରାଜନଗର ଅଞ୍ଚଳରେ କୁମ୍ଭୀର ଆକ୍ରମଣ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି । ରାଜ୍ୟ ସରକାର, ଜଙ୍ଗଲ ବିଭାଗ ଉଚ୍ଚକର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

**ସେଲ୍‌ଫି କର୍ଣ୍ଣରେ ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଜୟ



@ ଅଜିତ୍



@ ଅଞ୍ଜନା



@ ରେଣୁପ୍ରସାଦ



@ ସୁଜାତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**Institute of Hotel Management Catering Technology & Applied Nutrition**
Bhubaneswar-751010
(An Autonomous body under Ministry of Tourism, Govt. of India)
Web: www.ihmbbs.org, E-mail: hospitality@ihmbbs.org, Tel: 0674-2589241

**SPOT ADMISSION NOTICE**
**"Few seats are lying vacant"**

Institute of Hotel Management Catering Technology and Applied Nutrition, Bhubaneswar invites applications for SPOT ADMISSION into following Courses of Hotel Management for the academic year 2023-24.

| Sl. No. | Name of the Course | Duration |
|---|---|---|
| 1. | B.Sc. in Hospitality & Hotel Administration | 3 Years |
| 2. | Diploma in Food Production | 1½ Year |
| 3. | PG Dip. in Accommodation Oprns. & Management | 1½ Year |
| 4. | Craft Course in Food Production | 1½ Year |

All the eligible candidates can apply with testimonials on or before 30.06.2023 and attend the Spot admission counseling for left over seats for the above programmes on 03.07.2023 from 11.00am onwards.
Eligibility conditions, course fee and other details are available in the Website of the Institute i.e. www.ihmbbs.org .
For more Details Contact on:
Mob.: 9438810851 & 9937453823

# ଅସ୍ତିତ୍ୱ ହରାଇବାକୁ ବସିଲାଣି ଜଳାଶୟ

ଖଣ୍ଡପଡ଼ା,୨୪।୬
(ଅଜୟ କୁମାର ମହାରଣା)

ଧାର୍ମିକ ତଥା ଐତିହ୍ୟପୂର୍ଣ୍ଣ କ୍ଷେତ୍ର ଭାବେ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ କଣ୍ଟିଲୋର ଶ୍ରୀନୀଳମାଧବ କ୍ଷେତ୍ର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । କଂସା ଓ ପିତ୍ତଳ ବାସନ ଶିଳ୍ପ ପାଇଁ ମଧ କଣ୍ଟିଲୋ ପ୍ରସିଦ୍ଧି ଲାଭ କରିଛି । ଏଥିପାଇଁ ବର୍ଷ ତମାମ୍ ରାଜ୍ୟ ଓ ରାଜ୍ୟ ବାହାରୁ ପର୍ଯ୍ୟଟକମାନେ ଶ୍ରୀଜୀଉଙ୍କ ଦର୍ଶନ ତଥା ବ୍ୟବସାୟ ଲକ୍ଷ୍ୟରେ ଏଠାକୁ ଆସିଥାନ୍ତି । ଅତୀତରେ ବିଭିନ୍ନ ଅଞ୍ଚଳକୁ ଯାନବାହନରେ ଯାତାୟାତ କରିବା ପାଇଁ ସୁବିଧା ନ ଥିବାରୁ ଲୋକେ ପାଦରେ ଚାଲି ଚାଲି ଯାଉଥିଲେ । ବିଶେଷକରି ରାଜ୍ୟର ପଶ୍ଚିମାଞ୍ଚଳ ଭାବେ ଜଣାଶୁଣା ବଉଦ, ଫୁଲବାଣୀ, ବଲାଙ୍ଗୀର, ସମ୍ବଲପୁର ଓ ଛତିଶଗଡରୁ ଯାତ୍ରୀମାନେ ପାଦରେ ଚାଲି ଚାଲି ବଣ ପାହାଡ ଅତିକ୍ରମକରି ମହାନଦୀର କୂଳେ କୂଳେ ଗଣିଆ, କଣ୍ଟିଲୋ ଦେଇ ପୁରୀ ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ଆସୁଥିଲେ । ସେହି ଯାତ୍ରୀମାନେ କଣ୍ଟିଲୋରେ ଦିନେ ଦୁଇଦିନ ବିଶ୍ରାମ ନେଇ ଶ୍ରୀନୀଳମାଧବଙ୍କୁ ଦର୍ଶନ କରି ପୁରୀକୁ ଯାତ୍ରା କରୁଥିଲେ । ଏଣୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନଙ୍କ ସମେତ ଅଞ୍ଚଳବାସୀଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ କାହିଁ କେଉଁ କାଳରୁ କେତେଜଣ ଧର୍ମପ୍ରାଣ ବ୍ୟକ୍ତିମାନେ ସେଠାରେ ଜଳାଶୟ ଓ ପୋଖରୀମାନ ଖନନ କରିଥିଲେ ।


ଜଳ ଉତ୍ସକୁ ଅବରୋଧ କରି ନିର୍ମାଣ ହୋଇଥିବା ଘର ।

ହେଲେ ଏବେ କେତେଜଣ ବ୍ୟକ୍ତିଙ୍କ ଦ୍ୱାରା ସେହି ଜଳାଶୟ ଜବରଦଖଲରେ ରହିଛି । କଣ୍ଟିଲୋ ଅଞ୍ଚଳର ବିଭିନ୍ନ ଜଳାଶୟ ଉପରେ ଏବେ ସ୍ଥାୟୀ ଗୃହ ଓ ବ୍ୟବସାୟ ପ୍ରତିଷ୍ଠାନ ନିର୍ମାଣ ହୋଇଛି । ପ୍ରତିଦିନ ସେହି ରାସ୍ତାରେ ବିଭାଗୀୟ ଅଧିକାରୀମାନେ ଯାତାୟାତ କରୁଥିଲେ ମଧ୍ୟ ଏଥିପ୍ରତି ଅଙ୍କୁଶ ନାହିଁ । ସମସ୍ତଙ୍କ ଜାଣତରେ ଜବରଦଖଲ ସ୍ଥଳରେ ଗୃହ ନିର୍ମାଣ ହେଉଥିଲେ ମଧ କାହାର ମୁହଁ ଖୋଲୁନାହିଁ ବୋଲି ଅଭିଯୋଗ ହୋଇଛି ।

ଖଣ୍ଡପଡା ତହସିଲ ଅଧୀନ କଣ୍ଟିଲୋ ରାଜସ୍ୱ ଗ୍ରାମରେ ରହିଛି ପ୍ରାୟ ୨୩.୯୦ଏକର ପରିମିତ ବିଭିନ୍ନ ପୋଖରୀ, ଜଳାଶୟ, ଗାଡ଼ିଆ ଓ ପତିତ କିସମର ଜାଗା । ଏହି ପରିମିତ ଜାଗା ମଧ୍ୟରୁ ବନ୍ଦୋବସ୍ତ ମୁତାବକ ପ୍ଲଟ ନମ୍ବର ୨୦୮୧ରେ୨.୮୬ଏକର ପରିମିତ ନଡିଆ ପୋଖରୀ, ୯୨୮ ଓ ୯୫୮ ପ୍ଲଟରେ ୫.୪୫ ଏକର ପରିମିତ ନୀଳମାଧବ ଜୀଉଙ୍କ ଚନ୍ଦନ ପୋଖରୀ , ୧୯୦୮. ୧୯୦୯ ଓ ୧୯୧୦ ପ୍ଲଟରେ ୨.୬୯ ଏକରର ଭରତ ସାମନ୍ତରାୟ ପୋଖରୀ, ୨୦୩୨ ପ୍ଲଟରେ ୧.୩୯ ଏକର ପରିମିତ ଖଣ୍ଡିଆ ପୋଖରୀ, ୨୯୭୦. ୨୯୭୧ ପ୍ଲଟରେ ୫.୮୭ ଏକର ପରିମିତ ପାଣ୍ଡୁସାହୁ ପାଟଣା ବଡ ପୋଖରୀ ଏବଂ ୨୨୦୭ ଓ ୨୨୦୮ ପ୍ଲଟରେ ୪.୧୯ ଏକର ପରିମିତ ଚଣ୍ଡୀ ପୋଖରୀ ଏପରି କଣ୍ଟିଲୋ ମୌଜାରେ ୬ଟି ଜଳାଶୟ ବା ପୋଖରୀ ରହିଛି । ତେବେ ପାଣ୍ଡୁସାହୁ ପାଟଣା ପୋଖରୀ, ଚଣ୍ଡୀ ପୋଖରୀ, ଖଣ୍ଡିଆ ପୋଖରୀ, ନଡିଆ ପୋଖରୀ ଓ ଭରତ ସାମନ୍ତରାୟ ପୋଖରୀରୁ ବିଭିନ୍ନ ସମୟରେ ପଙ୍କ ଉଦ୍ଧାର କାର୍ଯ୍ୟ ସମ୍ପନ୍ନ ହୋଇଛି । ପଞ୍ଚାୟତ ନିକଟରେ ଥିବା ଭରତ ସାମନ୍ତରାୟ ପୋଖରୀରେ ପଙ୍କ ଉଦ୍ଧାର ପୂର୍ବରୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ସ୍ନାନ ଶୌଚାଦି କରୁଥିଲେ । ଏବେ ପୋଖରୀର ଅବସ୍ଥା ଏପରି ହୋଇଛି ଯେ, ସେହି

## ନୀଳମାଧବ ପୀଠ ପ୍ରତି ପ୍ରଶାସନିକ ଅବହେଳା

ପୋଖରୀକୁ ଯିବାକୁ ଲୋକେ ମୁହଁ ମୋଡୁଛନ୍ତି ।

ସୂଚନାଯୋଗ୍ୟ, ଭରତ ସାମନ୍ତରାୟ ପୋଖରୀଟି ମୁଖ୍ୟରାସ୍ତା ପାର୍ଶ୍ୱ ଓ ଏକ ଶିକ୍ଷାନୁଷ୍ଠାନ ସମ୍ମୁଖରେ ରହିଛି । ସେଥିପାଇଁ ଏହି ପୋଖରୀ ଉପରେ ସ୍ଥାନୀୟ ଲୋକଙ୍କ ସହିତ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ବ୍ୟବହାର କରିଥାଆନ୍ତି । ମାତ୍ର ଏବେ ସେହି ପୋଖରୀ ଆସ୍ତେ ଆସ୍ତେ ଏହାର ଅସ୍ତିତ୍ୱ ହରାଇବାକୁ ବସିଲାଣି । ଅପରପକ୍ଷେ କଣ୍ଟିଲୋ ଯାତ୍ରାପଦା ବଜାର ନିକଟରେ ଥିବା ୧୮୬୭ ପ୍ଲଟରେ ୪୯ଡେସିମିଲ ଜଳାଶୟ କିସମ ଧୋବା ଖାଟିଆ ଏବଂ ୧୮୬୯, ୧୮୭୦ ପ୍ଲଟରେ ରହିଥିବା ଜଳାଶୟ, ଏହାବାଦ୍ ୯୭୬ ପ୍ଲଟରେ ୫୦ଡେସିମିଲ ଜଳାଶୟ କିସମ ଓ ୯୭୭ ଏବଂ ୯୭୮ ପ୍ଲଟରେ ଥିବା ୪୬ ଡେସିମିଲ ପତିତ କିସମର ଜାଗା ରହିଛି । ଏହି ଜଳାଶୟଗୁଡିକ ନିକଟ ଗ୍ରାମ ଓ ସାହିବସ୍ତିଠାରୁ ନିମ୍ନ ପତ୍ତନରେ ଥିବାରୁ ସାହିବସ୍ତିମାନଙ୍କରୁ ଆସୁଥିବା ନର୍ଦ୍ଦମା ପାଣି ଓ ବର୍ଷା ଜଳ ଜଳାଶୟରେ ମିଶୁଛି । ଏଣେ ଜବରଦଖଲକାରୀମାନେ ତା' ଉପରେ ସ୍ଥାୟୀ ଗୃହ ନିର୍ମାଣ କରିବାକୁ ପଛାଉ ନାହାନ୍ତି । ଫଳରେ ଜଳାଶୟଗୁଡିକ କ୍ରମଶଃ ସଙ୍କୁଚିତ ହେବାରେ ଲାଗିଛି । ଏଥି ସହ ରାଜ୍ୟ ସରକାରଙ୍କ ମଧ ରାଜସ୍ୱ ହାନି ହେଉଛି । କଣ୍ଟିଲୋ ଯାତ୍ରାପଦା ବଜାରରୁ ଜବରଦଖଲ ଉଚ୍ଛେଦ ସମୟରେ ତତ୍କାଳୀନ ନୟାଗଡ଼ ଉପଜିଲାପାଳ ହେମନ୍ତ କୁମାର ପାଢୀ ୧୮୬୭ ପ୍ଲଟରେ ଥିବା ଜାଗାକୁ ମାର୍କେଟ କମ୍ପ୍ଲେକ୍ସ କରାଯାଇ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ଭଡା ସୂତ୍ରେ ପ୍ରଦାନ କରାଯାଇ ପ୍ରତିମାସରେ ରାଜସ୍ୱ ଆଦାୟ ହୋଇପାରିବ ବୋଲି ଯୋଜନା ପ୍ରସ୍ତୁତ କରିଥିଲେ । ମାତ୍ର ପରବର୍ତ୍ତୀ ସମୟରେ ତାହା ଅଧୁରା ରହିଛି । କଣ୍ଟିଲୋ ମୌଜାରେ ଥିବା ପ୍ରାୟ ୨୪ ଏକର ପୋଖରୀ, ଜଳାଶୟ ଓ ପତିତ ଜାଗାରେ ଏବେ କେତେ ଜଳାଶୟ ଓ ପୋଖରୀ ରହିଛି ତାହାର ମଧ ଠିକ୍ ହିସାବ ଖଣ୍ଡପଡା ତହସିଲରେ ନାହିଁ । କେବଳ ରେକର୍ଡ ପତ୍ରରେ ଜଳାଶୟ ରହିଥିବା ବେଳେ ବାସ୍ତବରେ ଜଳାଶୟଗୁଡିକ କୋଠାବାଡି ଓ ବ୍ୟବସାୟ ପ୍ରତିଷ୍ଠାନରେ ପୂରିଗଲାଣି । ଜିଲା ପ୍ରଶାସନର ପ୍ରତ୍ୟେକ ଅଧିକାରୀ ଏହି ବେଆଇନ କାର୍ଯ୍ୟ ସମ୍ପର୍କରେ ଜାଣି ଅଜଣା ରହୁନ୍ତି । ତେବେ ଏବେଠାରୁ ପୋଖରୀ ଏବଂ ଜଳାଶୟଗୁଡିକର ସୁରକ୍ଷା ଦିଗରେ ଜିଲା ପ୍ରଶାସନ ଓ ଖଣ୍ଡପଡା ରାଜସ୍ୱ ବିଭାଗ ଗୁରୁତ୍ୱ ନ ଦେଲେ ପର୍ଯ୍ୟଟନସ୍ଥଳୀ କଣ୍ଟିଲୋରେ ଜଳାଶୟ ଓ କେତେକ ପୋଖରୀ ବୋଲି କିଛି ରହିବ ନାହିଁ । ତେବେ ଏ ସମ୍ପର୍କରେ ଖଣ୍ଡପଡା ତହସିଲଦାର ଲିପ୍ସା ରାୟଙ୍କ ସହ ଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରତ୍ୟାଷା,ଶୁଭକାନ୍ତ ସମ୍ବର୍ଦ୍ଧିତ


ମୁଖ୍ୟମନ୍ତ୍ରୀ ପ୍ରତ୍ୟାଷା, ଶୁଭକାନ୍ତଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

ନୟାଗଡ଼,୨୪ ।୬(ଲୋକନାଥ ମିଶ୍ର)

- ଆଦର୍ଶ ବିଦ୍ୟାଳୟର ରାଜ୍ୟରେ ପ୍ରଥମ ହୋଇଥିଲେ ପ୍ରତ୍ୟାଷା
- ୧ଶହ ଶଯ୍ୟା ବିଶିଷ୍ଟ ହଷ୍ଟେଲର ଶିଳାନ୍ୟାସ

ଶନିବାର ସନ୍ଧ୍ୟାରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସିବିଏସି ଦଶମର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଏହି ମେଧାବୀ ତାଲିକାରେ ନୟାଗଡ଼ ଆଦର୍ଶ ବିଦ୍ୟାଳୟର ଛାତ୍ରୀ ପ୍ରତ୍ୟାଶା ଶତପଥୀ ଓ ଛାତ୍ର ଶୁଭ୍ରକାନ୍ତ ମାଝି ସମ୍ବର୍ଦ୍ଧିତ ହୋଇଥିବାରୁ ନୟାଗଡ଼ ଜିଲା ପାଇଁ ଗର୍ବ ଓ ଗୌରବ ଆଣି ପାରିଛନ୍ତି । ନୟାଗଡ଼ର ପ୍ରତ୍ୟାଶା ଶତପଥୀ ଆଦର୍ଶ ବିଦ୍ୟାଳୟର ରାଜ୍ୟସ୍ତରରେ ଟପ୍ପର ହୋଇଥିଲେ । ଲୋକସେବା ଭବନରେ ପ୍ରତ୍ୟାଷା ଆଦର୍ଶ ବିଦ୍ୟାଳୟର ନୀତିନିୟମ ଓ ଶିକ୍ଷାପଦ୍ଧତି ବିଷୟରେ କହି ପ୍ରଶଂସା ସାଉଁଟିଥିଲେ । ସେହିପରି ଶୁଭ୍ରକାନ୍ତ ମାଝି ରାଜ୍ୟରେ ୫ମ ସ୍ଥାନରେ ରହିଥିଲେ । ଏ ଅବସରରେ ମୁଖ୍ୟମନ୍ତ୍ରୀ ନୋଉରସ୍ଥିତ ନୟାଗଡ ଆଦର୍ଶ ବିଦ୍ୟାଳୟରେ ନିର୍ମାଣ ହେବାକୁ ଥିବା ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲକୁ ଶିଳାନ୍ୟାସ କରିଛନ୍ତି । ଅନ୍ୟପକ୍ଷେ ଶନିବାର ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଦୁଇଟି ପୃଥକ ପୃଥକ ଟ୍ୱିଟ କରି ପ୍ରତ୍ୟାଷା ଓ ଶୁଭ୍ରକାନ୍ତ ନୟାଗଡ ପାଇଁ ଗର୍ବ ଓ ଗୌରବ ଆଣିଥିବା ଲେଖିଛନ୍ତି । ଏହା ସହ ଉଭୟଙ୍କର ଭବିଷ୍ୟତ ଉଜ୍ଜ୍ୱଳ ହେଉବୋଲି କାମନା କରିଛନ୍ତି । ପ୍ରକାଶଥାଉକି ନୟାଗଡ଼ ଆଦର୍ଶ ବିଦ୍ୟାଳୟ ଦଶମ ଶ୍ରେଣୀ ପରୀକ୍ଷାରେ ୮୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ବିଦ୍ୟାଳୟର ଶତ ପ୍ରତିଶତ ରେଜଲ୍ଟ କରିଥିବାବେଳେ ନୟାଗଡର ପ୍ରତ୍ୟାଶା ଶତପଥୀ ୯୮ ପ୍ରତିଶତ ନମ୍ବର ରଖି ଆଦର୍ଶ ବିଦ୍ୟାଳୟର ରାଜ୍ୟ ସ୍ତରରେ ଟପ୍ପର ହୋଇଥିଲେ । ସେହିପରି ଶୁଭ୍ରକାନ୍ତ ମାଝି ୯୭.୨ ପ୍ରତିଶତ ରଖି ରାଜ୍ୟରେ ୫ମ ଓ ଦିବ୍ୟେଶ ଦାସ ୯୫.୨ ପ୍ରତିଶତ ରଖି ବିଦ୍ୟାଳୟରେ ତୃତୀୟ ସ୍ଥାନ ପାଇଥିଲେ । ସେହିପରି ଦ୍ୱାଦଶ ପରୀକ୍ଷାରେ ୯୪.୪୪ ପ୍ରତିଶତ ରେଜଲ୍ଟ ହୋଇଥିବାବେଳେ ନୟାଗଡ ପୁରୁଣା ସହରର ଉଦିତାଂଶୁ ମିଶ୍ର ୮୯.୮ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅକ୍ତିଆର କରିଥିଲେ ।

# ହେରାପଞ୍ଚମୀ ନୀତି ଶେଷ, ଆଜି ୩ ରଥର ଦକ୍ଷିଣମୋଡ଼

ରଣପୁର,୨୪।୬(ସୁକାନ୍ତ କିଶୋର ଡାକୁଆ)

ମହାପ୍ରଭୁ ଜଗନ୍ନାଥ ବଡଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ସାଙ୍ଗରେ ନେଇ ମାଉସୀମା' ଘର ଗୁଣ୍ଡିଚା ବିଜେ କରିଥିଲେ । ଏହି କାରଣ ଯୋଗୁ ଶନିବାର ହେରାପଞ୍ଚମୀ ତିଥିରେ ଅଭିମାନିନୀ ମା' ଲକ୍ଷ୍ମୀ ଶ୍ରୀମନ୍ଦିରରେ ଏକାକୀ ମର୍ମାହତ ହୋଇ ନିଜ ମନ କଥା ଭଉଣୀ ବିମଳାଙ୍କ ନିକଟରେ ପ୍ରକାଶ କରିଥିଲେ । ମା' ବିମଳାଙ୍କ ପରାମର୍ଶ ଅନୁଯାୟୀ ମା' ଲକ୍ଷ୍ମୀ ଶ୍ରୀମନ୍ଦିରରୁ ଏକାନ୍ତରେ ବାହାରି ରାଗରେ ହୋରା ପଞ୍ଚମୀ ଗଳି ଦେଇ ଗୁଣ୍ଡିଚା ମନ୍ଦିର ନିକଟରେ ଥିବା ମହାପ୍ରଭୁଙ୍କ ନନ୍ଦିଘୋଷ ରଥକୁ ରାତିରେ ଭାଙ୍ଗି ବଡଦେଉଳକୁ ଫେରି ଆସିଥିଲେ । ଏହି ପରମ୍ପରା ହେରାପଞ୍ଚମୀ ତିଥିରେ ପାଳିତ ହୋଇଥିଲା । ମା' ଲକ୍ଷ୍ମୀ ଠାକୁରାଣୀ ଏକ ସୁସଜ୍ଜିତ ଦୋଳ ବିମାନରେ ବଡଦାଣ୍ଡ ଦେଇ ଘଣ୍ଟଘଣ୍ଟା ପଟୁଆର ସହିତ ଶୋଭାଯାତ୍ରାରେ ଶ୍ରୀମନ୍ଦିରରୁ ଆସି ଗୁଣ୍ଡିଚା ମନ୍ଦିର ନିକଟରେ ଥିବା ନନ୍ଦିଘୋଷ ରଥ ନିକଟରେ ପହଞ୍ଚିଥିଲେ । ସେଠାରେ ମନ୍ଦିରର ରୀତିନୀତି ଅନୁଯାୟୀ ସମସ୍ତ ପୂଜା ସମାପନ କରାଯାଇଥିଲା । ଏହାପରେ ଅଭିମାନିନୀ ମା' ଲକ୍ଷ୍ମୀ ନନ୍ଦିଘୋଷ ରଥ ଭାଙ୍ଗି ଶ୍ରୀମନ୍ଦିରକୁ ବାହୁଡି ଥିଲେ । ମହାଲକ୍ଷ୍ମୀଙ୍କର ରାଗ ଦେଖି ମହାପ୍ରଭୁ ଜଗନ୍ନାଥ ୩ ରଥକୁ ଦକ୍ଷିଣ ମୋଡ କରିବାକୁ ଆଜ୍ଞା ପ୍ରଦାନ କରିଥିଲେ । ସେହି ଅନୁଯାୟୀ ରବିବାର ୩ ରଥ ଦକ୍ଷିଣ ମୋଡ କରାଯିବ ବୋଲି ନିଷ୍ପତ୍ତି ହୋଇଛି ।


ହେରାପଞ୍ଚମୀ ନୀତି ପାଇଁ ମହାଲକ୍ଷ୍ମୀଙ୍କୁ ବିମାନରେ ନିଆ ଯାଉଛି ।

## ଦଶପଲ୍ଲା ସରସ୍ୱତୀ ଶିଶୁ ମନ୍ଦିର ଛାତ୍ର ନବୋଦୟ ଟପ୍ପର

**ଦଶପଲ୍ଲା,୨୪।୬( ପ୍ରକାଶ କୁମାର ପାଣି ):** ଚଳିତବର୍ଷ ଅନୁଷ୍ଠିତ ହୋଇଥିବା ନବୋଦୟ ପ୍ରବେଶିକା ପରୀକ୍ଷାରେ ଦଶପଲ୍ଲା ସରସ୍ୱତୀ ଶିଶୁ ମନ୍ଦିର ଛାତ୍ର ଶାଶ୍ୱତ ପ୍ରେମ ସାହୁ ସର୍ବାଧିକ ନମ୍ବର ରଖି ନୟାଗଡ଼ ଜିଲା ଟପ୍ପର ହୋଇଛନ୍ତି । ଏ ସଂକ୍ରାନ୍ତରେ ଦଶପଲ୍ଲା ଶିଶୁ ମନ୍ଦିରର ପ୍ରଧାନ ଗୁରୁଜୀ ଜଗନ୍ନାଥ ମହାପାତ୍ର ଗଣମାଧମକୁ ସୂଚନା ଦେଇଛନ୍ତି । ଶାଶ୍ୱତ ସାରା ନୟାଗଡ଼ ଜିଲାରେ ସର୍ବାଧିକ ନମ୍ବର ରଖିଥିବାରୁ ଦଶପଲ୍ଲା ସରସ୍ୱତୀ ଶିଶୁ ମନ୍ଦିରର ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଶାଶ୍ୱତ ଜଣେ ମେଧାବୀ ଛାତ୍ର । ଏହି ସଫଳତା ପଛରେ ତାଙ୍କ ବାପା ସୁଦର୍ଶନ ସାହୁ, ମା' ପଲ୍ଲବୀ ସାହୁ ଓ ଶିକ୍ଷୟିତ୍ରୀ,ଶିକ୍ଷକଙ୍କ ଆର୍ଶୀବାଦ ରହିଛି ବୋଲି ସେ କହିଛନ୍ତି । ସେହିପରି ଉକ୍ତ ଶିଶୁ ମନ୍ଦିରର ସାଇ ସଙ୍କେତ ସାହୁ , ବିଶ୍ୱଜିତ ଦଳେଇ , ଆଦ୍ୟାଶା ମାଝି ଉତ୍ତୀର୍ଣ୍ଣ ହୋଇ ନବୋଦୟ ପାଇଁ ମନୋନୀତ ହୋଇଛନ୍ତି । ଛାତ୍ରୀଛାତ୍ରଙ୍କ ଏପରି ସଫଳତା ପାଇଁ ଅନୁଷ୍ଠାନର ସଭାପତି ରବିନ୍ଦ୍ର ନାଥ ସାହୁ ଏବଂ ସମ୍ପାଦକ ରଶ୍ମି ରଞ୍ଜନ ପ୍ରଧାନ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି ।

# ଆବାସ ଯୋଜନାରେ ଲାଞ୍ଚ କାରବାର

ଖଣ୍ଡପଡ଼ା,୨୪।୬
(ଅଜୟ କୁମାର ମହାରଣା)

ଦାରିଦ୍ର୍ୟର ସୀମାରେଖା ତଳେ ବସବାସ କରୁଥିବା ଜନସାଧାରଣଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଓ ରାଜ୍ୟ ସରକାର ବିଜୁ ପକ୍କାଘର ଯୋଜନାରେ ବାସଗୃହ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି । ମାତ୍ର ପ୍ରଶାସନିକ ଶିଥିଳତାର ସୁଯୋଗ ନେଇ କେତେଜଣ ଦୁର୍ନୀତିଗ୍ରସ୍ତ ପ୍ରଶାସନିକ ଅଧିକାରୀମାନଙ୍କ ସହଭାଗିତାରେ ହିତାଧିକାରୀଙ୍କ ଠାରୁ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦେବା ନିମନ୍ତେ ଅର୍ଥ ଦାବି କରାଯାଉଥିବା ଅଭିଯୋଗ ହୋଇଛି । ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ ପଞ୍ଚାୟତରୁ ଆବାସ ଯୋଜନାରେ ଲାଞ୍ଚ ଆଦାୟ ନେଇ ଏକାଧିକ ଅଭିଯୋଗ ବ୍ଲକ ପ୍ରଶାସନ ଓ ଜିଲାପାଳଙ୍କ ନିକଟରେ ବିଭିନ୍ନ ସମୟରେ ପହଞ୍ଚିଥିଲେ ହେଁ ସେଥିପ୍ରତି ପ୍ରଶାସନ ସେତେଟା ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି । ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଗ୍ରାମରୋଜଗାର ସେବକ ଆବାସ ଯୋଜନାରେ ଗୃହ ପାଇବାକୁ ଯୋଗ୍ୟ ବିବେଚିତ ମହିଳା ହିତାଧିକାରୀମାନଙ୍କୁ ପଞ୍ଚାୟତ କାର୍ଯ୍ୟାଳୟକୁ ଡ଼ାକି ମୋଟା ଅଙ୍କର ଅର୍ଥ ଦାବି କରୁଥିବା ନେଇ ଅଭିଯୋଗ ହେଉଛି । ଏ ସମ୍ପର୍କରେ ଶୁକ୍ରବାର କଣ୍ଟିଲୋ ପଞ୍ଚାୟତ ଅଞ୍ଚଳର ସୀତା ଦଳେଇ, ପଙ୍କଜିନୀ ନାୟକ, ଆରତୀ ସାହୁ, ବୀଣାପାଣି ଶିରୋମଣି, ପ୍ରତିମା ସାହୁ, ସୁଲୋଚନା ଖଟୁଆ, ସବିତା ମହାରଣା, ଦୀପା ସାହୁ ପ୍ରମୁଖଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଖଣ୍ଡପଡ଼ା ବ୍ଲକକୁ ଯାଇ ବିଡିଓଙ୍କ ପରାମର୍ଶକ୍ରମେ ଗ୍ରାମ ପଞ୍ଚାୟତ ଅଧିକାରୀଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଅଭିଯୋପତ୍ର ପ୍ରଦାନ କରିଛନ୍ତି । ଏ ସମ୍ପର୍କରେ ଜିଲାପାଳ ଓ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଲିଖିତ ଭାବେ ଜଣାଇ ଥିବା ସୂଚନା ମିଳିଛି । ଏହାଛଡା ସମ୍ପୃକ୍ତ ମହିଳାମାନେ ଅଭିଯୋଗର ସତ୍ୟାସତ୍ୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି କରିଛନ୍ତି । ଏ ସମ୍ପର୍କରେ ଭିଏଲଡବ୍ଲ୍ୟୁ ସସ୍ମିତା ବେହେରାଙ୍କୁ ପଚାରିବାରେ ଅଭିଯୋଗର ସତ୍ୟତା ନ ଥିବା କହିଛନ୍ତି । ଗ୍ରାମ ପଞ୍ଚାୟତ ଅଧିକାରୀ(ଜିପିଓ) ଅମିତ କୁମାର ବଡସେଟଙ୍କ ସହ ଯୋଗାଯୋଗ କରିବାରେ ଆବାସ ଯୋଜନାରେ ପ୍ରସ୍ତୁତ ତାଲିକାଭୁକ୍ତ ହିତାଧିକାରୀମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଏକାଧିକବାର ତଦନ୍ତ କରାଯାଇ ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି । ଯେଉଁମାନଙ୍କ ନାମ ତାଲିକରୁ ବାଦ ଦିଆଯାଇଛି ସମ୍ପୃକ୍ତ ବ୍ୟକ୍ତିମାନେ ଅଯଥାରେ ଲାଞ୍ଚ ମାଗୁଥିବା ଆଳକରି ଅଭିଯୋଗ କରୁଥିବା କହିଛନ୍ତି । ଅପରପକ୍ଷେ ବିଡିଓ ଅରୁଣୀମା ସାହୁଙ୍କୁ ଏ ସମ୍ପର୍କରେ ଯୋଗାଯୋଗ କରିବାରେ ଅଭିଯୋଗ ସମ୍ପର୍କରେ ସେ ଜାଣି ନ ଥିବା କହିଛନ୍ତି । ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରୁ ଯଦି ବାଦ ଦିଆଯାଇଛି, ତେବେ ହିତାଧିକାରୀମାନଙ୍କ ଅଭିଯୋଗ କ୍ରମେ ପୁନର୍ବାର ସର୍ଭେ କରାଯାଇ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।


ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ ।

## ବିଡିଓଙ୍କ ନିକଟରେ ଅଭିଯୋଗ କଲେ ୧୦ରୁ ଊର୍ଦ୍ଧ୍ୱ ମହିଳା

ସୂଚନାଯୋଗ୍ୟ, ଉପରୋକ୍ତ ହିତାଧିକାରୀମାନଙ୍କ ଘରକୁ ୫ରୁ ଊର୍ଦ୍ଧ୍ୱ ଥର ବ୍ଲକ ପ୍ରଶାସନ ସହ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ସସ୍ମିତା ବେହେରା, ବ୍ଲକ କନିଷ୍ଠ ଯନ୍ତ୍ରୀ ସୁନୀତା ବେହେରା ପ୍ରମୁଖ ସର୍ଭେ କରି ଚୂଡ଼ାନ୍ତ ହିତାଧିକାରୀ ତାଲିକା ପ୍ରସ୍ତୁତ କରାଯାଇଥିଲା ବୋଲି ଅଭିଯୋଗକାରୀମାନେ ପ୍ରକାଶ କରିଛନ୍ତି । ଅଧିକାରୀମାନଙ୍କ ଦାବି ମୁତାବକ ଟଙ୍କା ଦେଇ ପାରି ନ ଥିବାରୁ ଆମଙ୍କୁ ବାଦ୍ ଦିଆଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅଜୟ


@ ଅଜିତ୍


@ ଅଞ୍ଜନା


@ ରେଣୁପ୍ରସାଦ


@ ସୁଜାତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ ।

**Institute of Hotel Management**
**Catering Technology & Applied Nutrition**
**Bhubaneswar-751010**
(An Autonomous body under Ministry of Tourism, Govt. of India)
Web: www.ihmbbs.org, E-mail: hospitality@ihmbbs.org, Tel: 0674-2589241

**SPOT ADMISSION NOTICE**
**"Few seats are lying vacant"**

**Institute of Hotel Management Catering Technology and Applied Nutrition, Bhubaneswar** Invites applications for SPOT ADMISSION into following Courses of Hotel Management for the academic year 2023-24.

| Sl. No. | Name of the Course | Duration |
|---|---|---|
| 1. | B.Sc. in Hospitality & Hotel Administration | 3 Years |
| 2. | Diploma in Food Production | 1½ Year |
| 3. | PG Dip. in Accommodation Oprns. & Management | 1½ Year |
| 4. | Craft Course in Food Production | 1½ Year |

All the eligible candidates can apply with testimonials on or before **30.06.2023** and attend the Spot admission counseling for left over seats for the above programmes on **03.07.2023 from 11.00am onwards.**
Eligibility conditions, course fee and other details are available in the Website of the Institute i.e. **www.ihmbbs.org .**
**For more Details Contact on:**
**Mob.: 9438810851 & 9937453823**

## ସଂକ୍ଷେପରେ

### ମହିଳାଙ୍କ ବେକରୁ ଚେନ୍ ଝାମ୍ପିନେଲେ

**ମୋରଡ଼ା,୨୪ା୬(ସ୍ମାରକ ମାଝୀ):** ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରେ ଜଣେ ମହିଳାଙ୍କ ବେକରୁ ଦୁର୍ବୃତ୍ତ ସୂଚନା ଚେନ୍ ଝାମ୍ପି ନେଇଛନ୍ତି। ଏନେଇ ମୋରଡ଼ା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ବାରିପଦାସ୍ଥିତ ଦେଉଳିସାହିର ଅଶୋକ ଗାଁଣ ଏବଂ ତାଙ୍କ ସ୍ତ୍ରୀ ଅଞ୍ଜନା ଗାଁଣ ସ୍କୁଟିରେ ଜଳେଶ୍ୱର ଯାଉଥିଲେ। ମୋରଡ଼ା ଥାନା ଅଧୀନ ଚିତ୍ରଡ଼ା-ଅମର୍ଦା ରାଜ୍ୟ ରାଜପଥର ବଇଁଚିଡ଼ିହା ନିକଟରେ ଏକ ପଲସର ବାଇକରେ ୨ ଯୁବକ ଆସି ସ୍କୁଟି ଚାଲୁଥିବା ଅବସ୍ଥାରେ ଅଞ୍ଜନାଙ୍କ ବେକରୁ ସୁନା ଚେନ ଚିଣ୍ଡାଇ ନେଇ ପଳେଇଥିଲେ। ଏ ନେଇ ମୋରଡ଼ା ଥାନାରେ ମାମଲା (ନଂ. ୨୨୪/୨୩)ରୁଜୁ ହୋଇ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

### ଗୁଣ୍ଡିଚାଘାଗି ଝୁଲାପୋଲରେ ଦୁର୍ଘଟଣା, ଜଣେ ମୃତ

**ଘଟଗାଁ,୨୪ା୬(ରାଜେନ୍ଦ୍ର କୁମାର ପଟ୍ଟନାୟକ):** କେନ୍ଦୁଝର ଜିଲା ଘଟଗାଁ ନିକଟ ଗୁଣ୍ଡିଚାଘାଗି ଜଳପ୍ରପାତ ଉପରେ ଥିବା ଝୁଲାପୋଲରେ ଶନିବାର ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଘଟଗାଁ ଗ୍ରାମର ସୁରେନ୍ଦ୍ର ଦଳେଇ। ପ୍ରାପ୍ତ ଖବର ଅନୁଯାୟୀ, ସୁରେନ୍ଦ୍ର ସାଙ୍ଗମାନଙ୍କ ସହ ଗୁଣ୍ଡିଚାଘାଗି ଜଳପ୍ରପାତକୁ ବାଇକ୍ ଯୋଗେ ଯାଇଥିଲେ। ସେଠାରେ ଥିବା ଝୁଲାପୋଲରେ ପାର ହେଉଥିବା ବେଳେ ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଏଥିରେ ସୁରେନ୍ଦ୍ରଙ୍କ ବେକରେ ଗୁରୁତର ଆଘାତ ଲାଗିଥିଲା। ତାଙ୍କୁ ଘଟଗାଁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଅନ୍ୟ ୨ ଜଣ ସାମାନ୍ୟ ଆହତ ହୋଇଛନ୍ତି। ପୋଲିସ ମାମଲା(ନଂ.୧୪୦/୨୩)ରେ ରୁଜୁ କରି ତଦନ୍ତ କରୁଛି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

**କୁଳିଅଣା,୨୪ା୬(ଆଦିକନ୍ଦ ସାହୁ):** ମୟୂରଭଞ୍ଜ ଜିଲା କୁଳିଅଣା ଥାନା ତିତିରି ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ୧୧କେ.ବି. ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗ୍ରାମର ଖପରସାହିର ରବି ନାଏକଙ୍କ ପୁତ୍ର ମନୋଜ ନାଏକ(୨୧)ଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ ସହ ମାମଲା (ନଂ. ୨୭/୨୩)ରୁଜୁ କରି ଘଟଣା ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ଅପରାହ୍ଣ ପ୍ରାୟ ୪ଟା ସମୟରେ ତିତିରି ଗ୍ରାମର ପ୍ରସାଦ ନାଏକଙ୍କ ଟେଣ୍ଟରେ କାମ କରୁଥିବା ମନୋଜ ସାମାନ ଗୁଡ଼ିକ ଏକ ଗାଡ଼ି ଦ୍ୱାରା ଆଣି ତାଙ୍କ ଘର ସମ୍ମୁଖରେ ଓଲ୍ଲାଉ ଥିଲେ। ଏହି ସମୟରେ ଉପରେ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶ ଆସି ଗାଡ଼ି ଉପରୁ ତଳକୁ ଛିଟିକି ପଡ଼ିଥିଲେ। ସଙ୍ଗେ, ସଙ୍ଗେ କୁଳିଅଣା ଗୋଷ୍ଠୀ ଚିକିତ୍ସାକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ବାରିପଦା ପିଏମ୍ଆର ମେଡିକାଲରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଯେଉଁଠି ଶତାଧିକ ବର୍ଷ ଧରି ଟଣା ହୋଇନି ରଥ

**କେନ୍ଦ୍ରାପଡ଼ା, ୨୪ା୬ (ଜଗନ୍ନାଥ ଧଳ)**


ମନ୍ଦିରରେ ପୂଜା ପାଉଥିବା ୩ ଠାକୁର।

**ଇନ୍ଦୁପୁରରେ ୩୦୦ ବର୍ଷ ପୂର୍ବର ଶ୍ରୀଜଗନ୍ନାଥ ମନ୍ଦିର**

- ଗବେଷକଙ୍କ ଅପେକ୍ଷାରେ ଶ୍ରୀଜୀଉଙ୍କ ଚକାସନ
- ବିସ୍ତୃତ ୩ ବାମ୍ଫିରେ ରହିଛି ସୁନା ଓ ରୁପା ଅଳଙ୍କାର

କେନ୍ଦ୍ରାପଡ଼ା ସହରଠାରୁ ମାତ୍ର ୧୨ କିଲୋମିଟର ଦୂରରେ ଇନ୍ଦୁପୁର । ଏଠାରୁ ଦେଢ଼ କିଲୋମିଟର ହାବେଳି (ପତି ସାହି) ଠାରେ ଥିବା ପ୍ରାୟ ୩୦୦ ବର୍ଷର ଶ୍ରୀଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତି ଅବସ୍ଥାନ କରୁଛନ୍ତି । ୩ ଚକାସନରେ ଉପବିଷ୍ଟ ଏହି ଦେବ ପ୍ରତିମା ଦାରୁରେ ନିର୍ମିତ ହୋଇଥିଲେ ମଧ୍ୟ କେବେ ନବକଳେବର ହୁଅନ୍ତି ନାହିଁ । ମାତ୍ର ଶ୍ରୀ ଜଗନ୍ନାଥ ସଂସ୍କୃତିରେ ପ୍ରଚଳିତ ରୀତିନୀତିକୁ ଅନୁକରଣ କରାଯାଏ । ସ୍ନାନ ପୂର୍ଣ୍ଣିମା ଅବସରରେ ଦିଅଁମାନେ ନିକଟସ୍ଥ ସ୍ନାନମଣ୍ଡପକୁ ଯାଆନ୍ତି। ସେଠାରୁ ଫେରି ଅନବସର ଗୃହରେ ରୁହନ୍ତି। ଏହି ସମୟରେ ବନକଲାଗି ହୁଏ । ନେତ୍ରୋତ୍ସବରେ ଶ୍ରଦ୍ଧାଳୁଙ୍କୁ ନବଯୌବନ ବେଶରେ ଦେଖା ଦିଅନ୍ତି । ଏହି ଦିନ ରଥ ବଦଳରେ ମନ୍ଦିର ଚୂଳରେ ନେତ ବନ୍ଧାହୁଏ। ତେବେ ରଥଯାତ୍ରା ଦିନ ରଥ ବଦଳରେ ଶ୍ରୀଜୀଉମାନେ ମନ୍ଦିର ଚକାସନରେ ବିଜେ ହୁଅନ୍ତି ।

ବନ୍ଦ ହୋଇଥିବା ରଥଟଣା ଓ ଏହି ମନ୍ଦିର ସମ୍ପର୍କରେ ଅବସରପ୍ରାପ୍ତ ଶିକ୍ଷକ ତଥା ସେବାୟତ ନୀଳମାଧବ ପତି କୁହନ୍ତି, ପ୍ରାୟ ୩ ଶହ ବର୍ଷରୁ ଅଧିକ ସମୟ ହେବ ଏଠାରେ ରଥଟଣା ବନ୍ଦ ରହିଛି। ସମ୍ଭବତଃ ଗ୍ରାମରେ ରଥ ଉପଯୋଗୀ ଦାଣ୍ଡ ଓ ମାଉସୀମା' ମନ୍ଦିର ନ ଥିବାରୁ ଏପରି ବ୍ୟବସ୍ଥା ହୋଇଛି। ସେ କହିଛନ୍ତି, ଏବକାର ଦେଉଳଟି ପ୍ରାୟ ୩୦୦ ବର୍ଷ ପୁରୁଣା । ମାତ୍ର ମୂଳ ମନ୍ଦିର ଏଠାରେ ନ ଥିଲା । ବିରୂପା ନଦୀ କୂଳରେ ଦ୍ୱାଦଶ ଶତାବ୍ଦୀର ମନ୍ଦିର ରହିଥିବା ବିଭିନ୍ନ ସମୟରେ ପ୍ରମାଣ ମିଳିଛି । ନଦୀବନ୍ଧ ନିକଟରେ ଜଣେ ବ୍ୟକ୍ତି ଘର ନିଅଁ ଖୋଳିବାକୁ ଯାଇ ଏକ ପ୍ରସ୍ତର ଚଟାଣ ଉଦ୍ଧାର କରିଛନ୍ତି । ସେହିପରି ନଦୀ ଗର୍ଭକୁ ଚାଲି ଯାଇଥିବା ୩ ବାମ୍ଫି ସମ୍ପର୍କରେ ଲୋକକଥା ଏଯାଏଁ ଅଞ୍ଚଳବାସୀଙ୍କ ମୁହଁରେ ରହିଛି । ଆଉରେଙ୍ଗଜେବଙ୍କ ସେନା ଆକ୍ରମଣ ସମୟରେ ମନ୍ଦିରର ବହୁ ସୁନା ରୁପା ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀ ସେହି ବାମ୍ଫିରେ ପଡିଛି ବୋଲି ସମସ୍ତେ ବିଶ୍ୱାସ କରନ୍ତି । ଏହାବ୍ୟତୀତ ଶ୍ରୀଜୀଉଙ୍କ ଚକାସନ ବହୁ ଗବେଷକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି । ସେବାୟତ ପତି କୁହନ୍ତି, ମନ୍ଦିରର ବିରାଜିତ ଶ୍ରୀଜୀଉଙ୍କ ଉଚ୍ଚତା ପ୍ରାୟ ୪ ଫୁଟ। ଦିଅଁମାନେ ଯେଉଁ ଚକାସନରେ ବସିଛନ୍ତି, ସେଠାରେ ପ୍ରାକ ସମୟର ଭାଷାରେ କିଛି ଲେଖାଯାଇଛି । ଯାହା ଐତିହାସିକଙ୍କ ଗବେଷଣାକୁ ଅପେକ୍ଷା କରିଛି। ଏସମ୍ପର୍କରେ ଶିକ୍ଷାବିତ୍ ପ୍ରଣବ ପ୍ରକାଶ ଜେନା କୁହନ୍ତି, ଶ୍ରୀକ୍ଷେତ୍ରଧାମରୁ କେତେକ ଅନ୍ୱେଷଣକାରୀ ସୁଭଦ୍ରାଙ୍କ ଚକାସନକୁ ଶ୍ରୀକ୍ଷେତ୍ରର ବୋଲି ଦାବି କରିଥିଲେ । ତେବେ ଏଥିପାଇଁ ଆହୁରି ଗବେଷଣା ଓ ତର୍ଜମାର ଆବଶ୍ୟକତା ଅଛି । ଇନ୍ଦୁପୁରର ଶ୍ରଦ୍ଧାଳୁ ରଘୁନାଥ ସାହୁ କୁହନ୍ତି, କେନ୍ଦ୍ରାପଡ଼ା ସହରର ଇଚ୍ଛାପୁରରେ ଥିବା ଶ୍ରୀ ବଳଦେବଜୀଉଙ୍କ ମନ୍ଦିରଠାରୁ ଏହା ପୁରୁଣା । ଏବେ ପଥର ଦେଉଳର କ୍ଷୟକୁ ରୋକିବା ପାଇଁ ସିମେଣ୍ଟ ପ୍ଲାଷ୍ଟର ଓ ମାର୍ବଲ ଯୋଡେଇ ହୋଇଛି । ତେବେ ଏହି ମନ୍ଦିରର କିଛି ଅଂଶରେ ଥିବା ପୁରୁଣା ଦେବୀଦେବ ଓ ଅନ୍ୟ ପାର୍ଶ୍ୱଦେବତା ମୂର୍ତ୍ତିକୁ ଦେଖିବା ପାଇଁ ଛଡାଯାଇଛି । ଏହି ପୁରାତନ ମନ୍ଦିରର ପ୍ରଚାର ପ୍ରସାର ନ ଥିବାରୁ ଅବହେଳିତ ହୋଇ ପଡି ରହିଥିବା ସେ କ୍ଷୋଭ ପ୍ରକାଶ କରିଛନ୍ତି ।

# ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିବା ପାଇଁ ପାଟକୁରା କଂଗ୍ରେସର ପ୍ରସ୍ତୁତି


ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା କଂଗ୍ରେସ ନେତା ଓ କର୍ମୀ।

**ପାଟକୁରା,୨୪ା୬(ରବିନ୍ଦ୍ରନାଥ ବାରିକ)**

ଅହେତୁକ ବିଦ୍ୟୁତ୍ କାଟ୍ ସହ ମାତ୍ରାଧିକ ବିଲ ଯୋଗୁ ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି । ସତେ ଯେମିତି ଗ୍ରାହକମାନଙ୍କୁ ଟାଟା ପାୱାର କମ୍ପାନୀ ଶୋଷଣ କରୁଛି । ଏହାର ପ୍ରତିବାଦରେ ଆସନ୍ତା ସୋମବାର ଗରଦପୁର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଗରଦପୁର ଟାଟା ପାୱାର କମ୍ପାନୀ କାର୍ଯ୍ୟାଳୟ ସମ୍ମୁଖରେ ଗଣ ବିକ୍ଷୋଭ ଅନୁଷ୍ଠିତ ହେବ । ଏନେଇ ଶନିବାର ପାଟକୁରା ନିର୍ବାଚନ ମଣ୍ଡଳୀସ୍ତରୀୟ କାର୍ଯ୍ୟାଳୟ ବନ୍ଧାସାହିଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ କଂଗ୍ରେସ କମିଟି ସଭାପତି ଜ୍ୟୋତି ରଞ୍ଜନ ପରିଡ଼ାଙ୍କ ସଭାପତିତ୍ୱରେ ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନଗୋ ଯୋଗ ଦେଇ ବିଦ୍ୟୁତ୍ ବିଭାଗ ତଥା ଟାଟା ପାୱାର କମ୍ପାନୀର ଚରମ ଅବହେଳା ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ବନ୍ଧସାହି କାର୍ଯ୍ୟାଳୟଠାରୁ ମୋଟର ସାଇକେଲ ରାଲିରେ ଶତାଧିକ କଂଗ୍ରେସ କର୍ମୀ ବାହାରି ଗରଦପୁର ଟାଟା ପାୱାର କମ୍ପାନୀ କାର୍ଯ୍ୟାଳୟ ପହଞ୍ଚିବେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବ । ଏହି ବୈଠକରେ ଜିଲା କଂଗ୍ରେସ କମିଟି ସମ୍ପାଦକ ନିରଞ୍ଜନ ରାଉତ, ବରିଷ୍ଠ କଂଗ୍ରେସ ନେତା ସୁବାସ ସାମଲ, ପୂର୍ବତନ ସମିତି ସଭ୍ୟ ଜ୍ୟୋତି ରଞ୍ଜନ ନାୟକ, ରମାକାନ୍ତ ସ୍ୱାଇଁ, କୁମାର ପାଣି, ରଞ୍ଜନ ପରିଜା, ଗୋବର୍ଦ୍ଧନ ସାହୁ, ପ୍ରତାପ ଲେଙ୍କା, ସୁରେନ୍ଦ୍ର ବାରିକ, ଶଙ୍କର୍ଷଣ ମଲ୍ଲିକ, ଫକୀର ଲେଙ୍କା, ବାବାଜୀ ବେହେରା, ପ୍ରଫୁଲ୍ଲ ଦାସ, ଅବନୀ ନାୟକ ଅଜୟ କୁମାର ଦାସ, ପ୍ରକାଶ ପରିଜା, ପ୍ରକାଶ ନାୟକଙ୍କ ସମେତ ସମସ୍ତ ପଞ୍ଚାୟତ କଂଗ୍ରେସ କମିଟିର ସଭାପତି ଓ ବିଭିନ୍ନ ପଦବୀ ଥିବା କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବ ଅତିଥି।

**ମହାକାଳପଡ଼ା,୨୪ା୬ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

- ୧୬ ଶ୍ରେଣୀ ଗୃହରେ ୮୦୦ ଛାତ୍ରୀଛାତ୍ର
- ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଶିଳାନ୍ୟାସ
- ଗାଁର ଅଭାବୀ, ମେଧାବୀ ଛାତ୍ରୀଛାତ୍ର ଶିକ୍ଷା ଲାଭର ସୁଯୋଗ ପାଇବେ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ପେଟଛେଲା ପଞ୍ଚାୟତ ଆଡୋଇ ଗ୍ରାମରେ ନବନିର୍ମିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଉଦ୍‌ଘାଟନ କରିଛନ୍ତି । ଏହି ନବନିର୍ମିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ସାଢ଼େ ୭କୋଟିରୁ ଅଧିକ ଟଙ୍କା ବ୍ୟୟ କରାଯାଇଛି । ନିର୍ମାଣ ହୋଇଥିବା ୧୬ଟି ଶ୍ରେଣୀ ଗୃହରେ ୮୦୦ରୁ ଅଧିକ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରିପାରିବେ ବୋଲି ଜଣେ ବିଭାଗୀୟ ଅଧିକାରୀ କହିଛନ୍ତି । ଗ୍ରାମାଞ୍ଚଳର ଅଭାବୀ ପରିବାରର ମେଧାବୀ ଛାତ୍ରୀଛାତ୍ରମାନେ ଦୂର ସହରର ଇଂଲିଶ ମାଧ୍ୟମିକ ବିଦ୍ୟାଳୟକୁ ନ ଯାଇ ଏହି ଅତ୍ୟାଧୁନିକ ବିଦ୍ୟାଳୟରେ ପାଠ ପଢିବାର ସୁଯୋଗ ପାଇବେ । ଏହି ବିଦ୍ୟାଳୟରେ ଅନେକ ମେଧାବୀ ଛାତ୍ରୀଛାତ୍ର ଅଦ୍ୟାବଧି ଅସ୍ଥାୟୀ ଭାବେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ କେୟାରବାଙ୍କଠାରେ ଶିକ୍ଷା ଲାଭ କରୁଛନ୍ତି। ଏହି ନବନିର୍ମିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହେବା ପରେ ଛାତ୍ରୀଛାତ୍ରମାନେ ଶିକ୍ଷା ଗ୍ରହଣ କରିବେ। ଅପରପକ୍ଷେ ଏହି ବିଦ୍ୟାଳୟ ପରିସରରେ ୧୦୦ ଶଯ୍ୟା ବିଶିଷ୍ଟ ନୂତନ ଛାତ୍ରାବାସ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ବିଦ୍ୟାଳୟର ଚତୁଃପାର୍ଶ୍ୱ ପାଚେରି ନିର୍ମାଣ କାର୍ଯ୍ୟ ଯୁଧକାଳୀନ ଭିତ୍ତିରେ ତିଆରି କରାଯିବ । ଏହି ଆଦର୍ଶ ବିଦ୍ୟାଳୟ ଆଭାସି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ରାଜେଶ ପ୍ରଧାନ, କେନ୍ଦ୍ରାପଡା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଦୈତାରୀ ଟୁଡୁ, ଆତ୍ମା ଅଧକ୍ଷ ବିଜୟ କୁମାର ଜେନା, ବ୍ଲକ ପ୍ରାକ୍ତନ ଉପାଧକ୍ଷ ଅମରେନ୍ଦ୍ର ସାମଲ, ସ୍ଥାନୀୟ ଜିଲା ପରିଷଦ ସଭ୍ୟ ମୃତ୍ୟୁଞ୍ଜୟ ମଣ୍ଡଳ, ସରପଞ୍ଚ ପ୍ରସନ୍ନ କୁମାର ବେହେରା, ଶିକ୍ଷାବିତ୍ ଦିନେଶ ଚନ୍ଦ୍ର ଦେବନାଥ, ସମିତି ସଭ୍ୟ ସତ୍ୟବ୍ରତ ବେହେରା, ରାଜନ ଗୋଚ୍ଛାୟତ, ନିରାକାର ସ୍ୱାଇଁଙ୍କ ସମେତ ଆଦର୍ଶ ବିଦ୍ୟାଳୟ ପ୍ରିନ୍ସପାଲ ସନ୍ଧ୍ୟାରାଣୀ ଜାନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଡ୍ରାଇଭରଙ୍କ ଝୁଲନ୍ତା ମୃତଦେହ ଜବତ

**ଡେରାବିଶ,୨୪ା୬ (ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ରତାଦିଆଖଣ୍ଡସାହି ପଞ୍ଚାୟତ ସୋରିଷିଆ ଗ୍ରାମରେ ଥିବା ଏକ ବାଉଁଶ ବୁଦାରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ଶନିବାର ସକାଳେ ପୋଲିସ ଜବତ କରିଛି । ମୃତ ଯୁବକ ଜଣକ ହେଲେ ସୋରିଷିଆ ଗ୍ରାମର ନଟବର ମଳିକଙ୍କ ପୁଅ ରବିନ୍ଦ୍ର (୪୦) । ରବିନ୍ଦ୍ର ଜଣେ ଟ୍ରାକ୍ଟର ଡ୍ରାଇଭର ଭାବେ କାମ କରନ୍ତି । ଗତ ବୁଧବାର ରାତିରେ ନିଜ ଘରେ କୌଣସି କାରଣରୁ ପାରିବାରିକ କଳହ ହୋଇଥିଲା । ସେ ରାତିରେ ଘରୁ ରାଗିକରି ପଳାଇ ଆସିଥିଲେ । ସେବେଠାରୁ ସେ ଆଉ ଘରକୁ ଫେରି ନ ଥିଲେ । ପରିବାର ଲୋକେ ୨ ଦିନ ଧରି ବନ୍ଧୁବାନ୍ଧବ ଘର ସମେତ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । ହେଲେ ଶନିବାର ସକାଳୁ ଗାଁ ପାଖ ଦେଇ ଯାଇଥିବା କେନ୍ଦ୍ରାପଡ଼ା କେନାଲ କୂଳରେ ଘଞ୍ଚ ବାଉଁଶ ବୁଦାରୁ ପଚା ଗନ୍ଧ ଆସିବାରୁ ଗାଁ ଲୋକମାନେ ପାଖକୁ ଯାଇ ରବିନ୍ଦ୍ରର ମୃତ ଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଲେ । ପରେ ପରିବାର ଲୋକଙ୍କ ତରଫରୁ ଚାନ୍ଦୋଳ ଫାଣ୍ଡିରେ ଲିଖିତ ଭାବେ ଅଭିଯୋଗ କରାଯିବା ପରେ ଫାଣ୍ଡି ଅଧିକାରୀ ସୌମ୍ୟରଞ୍ଜନ ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଇଥିଲେ। ଏ ସମ୍ପର୍କରେ ସଦର ଥାନାରେ ଏକ ମାମଲା(ନଂ.୨୫/୨୩) ରୁଜୁ ହୋଇଛି।

# ପାତ୍ର ଜୁଏଲେରିରୁ ରୁପା ଗହଣା,ପିତଳ ବାସନ ଚୋରି

**ଆଳି,୨୪ା୬(ବନମାଳୀ ସେନାପତି )**

କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳରେ ଦିନକୁ ଦିନ ଚୋରି ଡକାୟତି ବୃଦ୍ଧି ପାଇବାରେ ଲାଗିଛି । ପୋଲିସକୁ ଚ୍ୟାଲେଞ୍ଜ କରି ଥାନାଠାରୁ ମାତ୍ର ୨୦୦ ମିଟର ଦୂରରେ ଥିବା ପାତ୍ର ଜୁଏଲେରିରୁ ଗତ ଶୁକ୍ରବାର ରାତିରେ ଲକ୍ଷାଧିକ ଟଙ୍କାର ରୁପା ଓ ପିତଳ ବାସନ ଚୋରି ହୋଇଥିବା ମାଲିକ ଅନ୍ତର୍ଯ୍ୟାମୀ ପାତ୍ରଙ୍କ ଅଭିଯୋଗ କରିଛନ୍ତି। ସେ ଶୁକ୍ରବାର ରାତିରେ ବ୍ୟବସାୟ ସାରି ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ଶନିବାର ସକାଳେ ଦୋକାନ ଖୋଲିବାକୁ ଆସି ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ । ଚୋରମାନେ ଦୋକାନ ଉପର ଆଜବେଷ୍ଟସ ଖୋଲି ଭିତର ସିଲିଂ ଭାଙ୍ଗି ପଶିଥିଲେ। ଦୋକାନରେ ଲାଗିଥିବା ସିସି କ୍ୟାମେରାଗୁଡ଼ିକୁ ଭାଙ୍ଗି ଦେବା ସହିତ ଦୋକାନରେ ଥିବା ପ୍ରାୟ ୩ ଲକ୍ଷ ଟଙ୍କାର ରୁପା ଅଳଙ୍କାର ଓ ପିତଳ କଂସା ବାସନ ଚୋରିକରି ନେଇଛନ୍ତି। ଆଳି ଥାନାଠାରୁ ମାତ୍ର ୨୦୦ ମିଟର ଦୂରରେ ଏଭଳି ଚୋରି ଘଟଣା ସ୍ଥାନୀୟ ବ୍ୟବସାୟୀଙ୍କୁ ଚିନ୍ତାରେ ପକାଇଛି । ପୋଲିସର ପାଟ୍ରୋଲିଂ ଅଭାବରୁ ଏପରି ଚୋରି ହୋଇଥିବା ଅଭିଯୋଗ ହୋଇଛି।


ଚୋରି ଘଟଣା ପରେ ଦୋକାନର ମାଲିକ ଓ କର୍ମଚାରୀ।

# ଘରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ



**କୁଜଙ୍ଗ, ୨୪ା୬ (ମନୋଜ ପ୍ରଧାନ)**

କୁଜଙ୍ଗ ଥାନା ଅନ୍ତର୍ଗତ ବଳରାମପୁର ଗ୍ରାମର ଟୁକନ ପଟ୍ଟନାୟକଙ୍କ ଘରେ ଶୁକ୍ରବାର ରାତିରେ କୌଣସି ଦୁର୍ବୃତ୍ତ ନିଆଁ ଲଗାଇଥିବା ନେଇ ଶନିବାର ଥାନାରେ ଅଭିଯୋଗ ହୋଇଛି। ଫଳରେ ତାଙ୍କର ସ୍କୁଟି, ଇନ୍‌ଭର୍ଟର, ବ୍ୟାଟେରୀ, ଘର ରୋଷେଇ ସରଞ୍ଜାମ ଓ କବାଟ ଆଦି ପୋଡ଼ି ପାଉଁଶ ହୋଇଯାଇଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଟୁକନଙ୍କ ଅଭିଯୋଗ ଅନୁଯାୟୀ, ସେ ଘର ବାରଣ୍ଡାର ଗ୍ରିଲ୍ ଓ ମୁଖ୍ୟ କବାଟ ବନ୍ଦ କରି ଶୋଇଥିଲେ। ରାତି ପ୍ରାୟ ୩.୩୦ ଶୋଇବା ଘରକୁ ଧୂଆଁ ପଶିବା ସହ ନିଆଁ ତାତି ବାଜିବାରୁ ସେ ବାହାରକୁ ପଛପଟ ଦ୍ୱାର ଦେଇ ଚାଲିଆସିବାବେଳକୁ ଉପରୋକ୍ତ ଜିନିଷ ଜଳୁଥିବା ଦେଖିଥିଲେ। ଏନେଇ ଦମକଳ ବାହିନୀଙ୍କୁ ଖବର ଦିଆଯିବାପରେ ସେମାନେ ଆସି ନିଆଁକୁ ଆୟତ କରିଥିଲେ। ଅଭିଯୋଗ ପରେ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

# ଅପରାଧୀଙ୍କ ଆଡ୍ଡାସ୍ଥଳ ପାଲଟିଛି ବିଜୁ ଷ୍ଟାଡିୟମ

**କେନ୍ଦ୍ରାପଡ଼ା, ୨୪ା୬ (ଜଗନ୍ନାଥ ଧଳ)**



ବିଜୁ ପଟ୍ଟନାୟକ ଷ୍ଟାଡିୟମର ସମ୍ମୁଖ ଭାଗ।

- ୧୫ ବର୍ଷରେ ଥରଟେ ହୋଇନି ଖେଳ
- ରାସ୍ତା ଓ ପ୍ରୋତ୍ସାହନ ହୋଇଛି ମୁଖ୍ୟ ସମସ୍ୟା

କେନ୍ଦ୍ରାପଡ଼ାର ଦୌଡରାଣୀ ଲିଜା ବେହେରା କ୍ରୀଡ଼ା ହଷ୍ଟେଲରୁ ଘରକୁ ଆସିଲେ ଦୌଡ ଅଭ୍ୟାସକୁ ରାସ୍ତାରେ ଜାରି ରଖିଛନ୍ତି । ମହାକାଳପଡା ବ୍ଲକ ତେରଗାଁ ପଞ୍ଚାୟତର ୩ ମହିଳା ଖେଳାଳୀ ସସ୍ମିତା ସେନାପତି, ସ୍ମୃତିରୂପା ମଲ୍ଲିକ ଓ ଲକ୍ଷ୍ମୀପ୍ରିୟା ବେହେରା କ୍ରିକେଟ ପାଇଁ ନୂଆ ଚେହେରା। ଆଳି ଫୁଟବଲ ଟିମ୍ ସଦସ୍ୟ ଜାତୀୟ ଆର୍ନ୍ତଜାତୀୟ ଖେଳାଳୀ। ଏହାସତ୍ତ୍ୱେ କେନ୍ଦ୍ରାପଡ଼ା ଜିଲାରେ କ୍ରୀଡ଼ା ଭିତ୍ତିଭୂମୀ ଦୁର୍ବଳ ଥିବାରୁ ବହୁ ପ୍ରତିଭା ବିକଶିତ ହୋଇପାରୁ ନାହାନ୍ତି । ଜିଲାର ଏହିପରି ପ୍ରତିଭାଙ୍କ କ୍ରୀଡ଼ା ଜଗତରେ ନିଜର ଦକ୍ଷତା ପ୍ରତିପାଦନ ପାଇଁ ଅପେକ୍ଷା ଥିବା ବେଳେ ଏନେଇ ପ୍ରଶାସନର ନଜର ରହୁନାହିଁ । ଏପରି ପ୍ରତିଭାକୁ ବିକଶିତ ପାଇଁ ସହରର ସାରଙ୍ଗ ଠାରେ ନିର୍ମାଣ ହୋଇଥିବା ବିଜୁ ପଟ୍ଟନାୟକ ଷ୍ଟାଡିୟମ ଅପରାଧୀଙ୍କ ଆଡାସ୍ଥଳୀ ପାଲଟିଛି । ଏଠାରେ ଘସି ଗୋବର ଶୁଖା ଯାଉଥିବା ବେଳେ ଧାନ ଅମଳ ଖଳା ଭାବେ ବ୍ୟବହୃତ ହେଉଛି। କୋଟିଏ ଟଙ୍କା ବ୍ୟୟରେ ନିର୍ମିତ ଏହି ଷ୍ଟାଡିୟମରେ ଗତ ୧୫ ବର୍ଷରେ ଥରେ ମଧ୍ୟ ପ୍ରତିଯୋଗିତା ହୋଇନାହିଁ । ସରକାରୀ ପ୍ରୋତ୍ସାହନ ଓ ରାସ୍ତା ସମସ୍ୟା ଷ୍ଟାଡିୟମରେ ଖେଳ ପାଇଁ ପ୍ରତିବନ୍ଧକ ବୋଲି କ୍ରୀଡାପ୍ରେମୀ ମତ ଦେଇଛନ୍ତି।

ଆଥ୍‌ଲେଟିକ କୋଚ୍ ସେକ ସୌକତ ଅଲି, କ୍ରୀଡା ଶିକ୍ଷକ ଜ୍ୟୋତିର୍ମୟ ଦାସ, କ୍ରୀଡାବିତ ହାଡିବନ୍ଧୁ ସିଂହ ପ୍ରମୁଖ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାର କ୍ରୀଡ଼ା ପ୍ରତିଭା ଦେଶ ବିଦେଶରେ ନିଜର ପାରଦର୍ଶିତା ଦେଖାଇଛନ୍ତି । ସେ ଫୁଟବଲ ହେଉ କି ଆଥ୍‌ଲେଟିକ ପ୍ରତ୍ୟେକ ଖେଳରେ ମନୋନିବେଶ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖାଯାଇ ସହରର ସାରଙ୍ଗଠାରେ ୯ ଏକର ଜମିରେ ବିଜୁ ପଟ୍ଟନାୟକ ଷ୍ଟାଡିୟମ ୧୯୯୩ ମେ ୧୦ରେ ଶିଳାନ୍ୟାସ ହୋଇଥିଲା । ପ୍ରାୟ କୋଟିଏ ଟଙ୍କା ବ୍ୟୟରେ ନିର୍ମିତ ଏହି ଷ୍ଟାଡିୟମରେ କ୍ରିକେଟ, ଭଲିବଲ, ଫୁଟବଲ, କବାଡି, ଆଥ୍‌ଲେଟିକ, ବାସ୍କେଟବଲ, ଖୋଖୋ ଆଦି ଖେଳ ପାଇଁ ଉପଯୁକ୍ତ ଭିତ୍ତିଭୂମୀ ସୃଷ୍ଟି ହୋଇଥିଲା । ଏପରି କି ଏଠାରେ ଭଲିବଲ, ଫୁଟବଲ, ଆଥ୍‌ଲେଟିକ ଟ୍ରାକ ରହିବା ସହିତ ଏହି ଷ୍ଟାଡିୟମରେ ପ୍ରାୟ ୨ ହଜାର ଦର୍ଶକଙ୍କ ପାଇଁ ଗ୍ୟାଲେରି ନିର୍ମାଣ ହୋଇଛି । ସେହିପରି ଖେଳାଳି ଓ ଖେଳ ସରଞ୍ଜାମ ପାଇଁ ଗୃହ ନିର୍ମାଣ ହୋଇଛି । ୨୦୦୮ ଫେବୃୟାରୀ ୧୭ ରେ ତତ୍କାଳୀନ ପୂର୍ତ୍ତ ଓ ଗୃହ ନିର୍ମାଣ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ ଏହାକୁ ଉଦ୍‌ଘାଟନ କରିଥିଲେ। ତେବେ ଏହି ଷ୍ଟାଡିୟମ ପାଇଁ ଉପଯୁକ୍ତ ରାସ୍ତା, ବିଦ୍ୟୁତ୍, ପାନୀୟ ଜଳ ଆଦିର ସୁବନ୍ଦୋବସ୍ତ ହୋଇ ପାରି ନ ଥିବାରୁ ଦୀର୍ଘ ୧୫ ବର୍ଷ ଧରି ଅବହେଳିତ ଭାବେ ପଡିରହିଛି । ଏଠାରେ ଅଦ୍ୟାବଧି କୌଣସି ଖେଳ ପ୍ରତିଯୋଗିତା ଆୟୋଜିତ ହୋଇ ପାରି ନ ଥିବା ବେଳେ କ୍ରୀଡା ପ୍ରତିଭାଙ୍କୁ ଏଠାରେ ଖେଳ ପାଇଁ ପ୍ରୋତ୍ସାହିତ କରାଯାଇ ପାରୁନାହିଁ । ଫଳରେ ଷ୍ଟାଡିୟମ ଅପନ୍ତରା ଭାବେ ପଡି ରହିବା ସହ ଅସାମାଜିକ ଲୋକଙ୍କ ଆଡାସ୍ଥଳୀ ପାଲଟିଛି। ଜିଲାର କ୍ରୀଡା ପ୍ରତିଭାଙ୍କ ବିକାଶ ପାଇଁ ଗଣ୍ଡାକିଆ ରାସ୍ତାରୁ ଷ୍ଟାଡିୟମ ପାଇଁ ସ୍ୱତନ୍ତ୍ର ରାସ୍ତା ବ୍ୟବସ୍ଥା ହେବା ଆବଶ୍ୟକ। ଏହା ବ୍ୟତୀତ ଷ୍ଟାଡିୟମର ମରାମତି ସହ ପ୍ରଶିକ୍ଷକ ନିଯୁକ୍ତି ହେଲେ କ୍ରୀଡାର ବିକାଶ ହୋଇ ପାରିବ ବୋଲି ସେମାନେ ମତ ଦେଇଛନ୍ତି । ଏସମ୍ପର୍କରେ ଜିଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ କହିଛନ୍ତି, ଷ୍ଟାଡିୟମର ମରାମତି ପାଇଁ ଅର୍ଥ ଅନୁଦାନ ମିଳିଛି । ଏଥିରେ ପାଚେରୀ ମରାମତି ସହ ଅନ୍ୟାନ୍ୟ କ୍ଷେତ୍ରରେ ଉନ୍ନତୀକରଣ ହୋଇଛି । ପାଣି ଓ ବିଜୁଳି ବ୍ୟବସ୍ଥା କରାଯାଉଛି । ଏକ କ୍ରୀଡ଼ା ହଷ୍ଟେଲ ନିର୍ମାଣ ମଞ୍ଜୁରୀ ଅପେକ୍ଷାରେ ଅଛି । ଏହାଦ୍ୱାରା କ୍ରୀଡା ପ୍ରତିଭା ବିକଶିତ ହେବ ବୋଲି ସେ ମତ ଦେଇଛନ୍ତି।

# ବହୁତଳ ଆପାର୍ଟମେଣ୍ଟ ବର୍ଷାଜଳ ନିଷ୍କାସନର ପ୍ରତିବନ୍ଧକ

## ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ଅଭିଯୋଗ

ବ୍ରହ୍ମପୁର,୨୪ା୬ (ସ୍ମୃତି ରଞ୍ଜନ ମହାଲିକ)

ମୌସୁମୀ ପ୍ରଭାବରେ ଗତ ୩ ଦିନ ଧରି ବ୍ରହ୍ମପୁରରେ ଲାଗି ରହିଥିବା ଲଗାଣ ବର୍ଷା କାରଣରୁ ସହରତଳି ଅଞ୍ଚଳଗୁଡିକ ନର୍ଦ୍ଦମା ପାଣିରେ ଉବୁଟୁବୁ ହେଉଥିବା ଦେଖିବାକୁ ମିଳିଛି। ସହରତଳି ଅଞ୍ଚଳ ଗୁଡିକରେ ବ୍ୟବସ୍ଥିତ ଡ୍ରେନର ଅଭାବ, ବିପର୍ଯ୍ୟସ୍ତ ରାସ୍ତା ଘାଟ ଓ ଯୋଜନା ବିହୀନ ଭାବେ ମନମୁଖୀ ବହୁ ତଳ ବିଶିଷ୍ଟ ଆପାର୍ଟମେଣ୍ଟ ନିର୍ମାଣ ଯୋଗୁଁ ଏଭଳି ସ୍ଥିତି ଉପୁଜୁଥିବା ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ଅଭିଯୋଗ କରିଛି। ବର୍ତ୍ତମାନ ବର୍ଷାର ପ୍ରଭାବରେ ବ୍ରଜନଗର, ଶକ୍ତି ନଗର, ଶ୍ରୀମା ନଗର, ଆଦିଶକ୍ତି ନଗର, ହନୁମାନ ନଗର, ବାସୁଦେବ ନଗର, କାଲୁଆ ନଗର, ବାପୁଜୀ ନଗର, ଖାରବେଳ ନଗର, ବସନ୍ତ ବିହାର, ଗୌତମ ନଗର, ଗୋବିନ୍ଦ ବିହାର, ରାମକୃଷ୍ଣ ନଗର, ନୀଳାଞ୍ଚଳ ନଗର ଓ ଅଳକାପୁରୀ ଅଞ୍ଚଳରେ ବର୍ଷା ପାଣି ରାସ୍ତା ଉପରେ ପ୍ରବାହିତ ହେଉଛି। ଯାହାଫଳରେ ରାସ୍ତାରେ ଯାତାୟତ ସମସ୍ୟା ପାଲଟିଛି। ଅନ୍ୟପଟେ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଆଗାମୀ ଦିନରେ ଲଘୁଚାପ ବର୍ଷା ଆସୁଥିବାରୁ ବଡ ବର୍ଷା ହେଲେ ସହରତଳି ଅଞ୍ଚଳଗୁଡିକରେ କିଭଳି ପରିସ୍ଥିତି ସୃଷ୍ଟି ହେବ ତାହା ସହଜରେ ଅନୁମେୟ। ସେହିଭଳି ସହରତଳି ଅଞ୍ଚଳ ଦେଇ ଯାଇଥିବା ବାହାନା ନାଳ ବର୍ଷା ଦିନ ପୂର୍ବରୁ ସଫେଇ ଓ ପୁନଃ ରୁଦ୍ଧାର ନ ହେବା ଫଳରେ ଆଗାମୀ ଦିନରେ ପରିସ୍ଥିତି ସଂଗୀନ ହେବ। ଫଳରେ ସହରତଳି ବାସିନ୍ଦା ଜଳବନ୍ଦୀ ଜୀବନ ବିତାଇବେ ବୋଲି କମିଟି ପକ୍ଷରୁ କୁହାଯାଇଛି। ଯଦି ମହାନଗର ନିଗମ ପକ୍ଷରୁ ସହର ତଳି ଅଞ୍ଚଳ ଗୁଡିକରେ ପ୍ଲାନିଂ କରାଯାଇ ଡ୍ରେନ ନିର୍ମାଣ କରାଯାଇ ସେଗୁଡିକୁ ବାହାନା ନାଳ ସହ ସଂଯୋଗୀକରଣ କରାଗଲେ ବର୍ଷା ପାଣି ବାହାନା ନାଳରେ ପ୍ରବାହିତ ହୁଅନ୍ତା। ଏଥିସହ ସହରତଳି ଅଞ୍ଚଳ ଗୁଡିକରେ ଛତୁ ଫୁଟିଲା ଭଳି ଗଢୁ ଉଠିଥିବା ବହୁତଳ ବିଶିଷ୍ଟ ଆପାର୍ଟମେଣ୍ଟ ପାଇଁ ବର୍ଷା ଜଳ ପ୍ରାକୃତିକ ନିଷ୍କାସନର ପ୍ରତିବନ୍ଧକ ଉପୁଜିଛି ବୋଲି କମିଟି କହିଛି। ତତସହିତ ବିଏମସି ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଡ୍ରେନ ସଫେଇ କାର୍ଯ୍ୟକୁ ନିଆଯାଇଛି। ସହରତଳି ଅଞ୍ଚଳ ଏ ସବୁ ସୁବିଧାରୁ ବାଦ ପଡିଛି। ଯାହାଦ୍ୱାରା ସହରତଳି ଅଞ୍ଚଳ ବାସିନ୍ଦା ବର୍ଷା ଦିନରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା କମିଟି ଅଭିଯୋଗ କରିଛି। ଏଣୁ ସହରତଳି ଅଞ୍ଚଳକୁ ବିଏମସିରେ ସାମିଲ କରାଯାଇ ଅବ୍ୟବସ୍ଥା ଡ୍ରେନର ସୁଧାର ଆଣିବା ସହ ପରିମଳ ବ୍ୟବସ୍ଥାରେ ମଧ୍ୟ ସୁଧାର ଆଣିବା ପାଇଁ ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ଦାବି କରିଛନ୍ତି।


ବ୍ରଜନଗରଠାରୁ ବ୍ରହ୍ମାନଗର ସହରତଳି ଅଞ୍ଚଳ ରାସ୍ତାରେ ଜମିଥିବା ବର୍ଷାପାଣି।

## ସଂକ୍ଷେପରେ

### ଠାକୁରଙ୍କ ଲକ୍ଷ୍ମୀ ନୃସିଂହ ବେଶ



ଶେରଗଡ,୨୪ା୬(ସୂର୍ଯ୍ୟନାରାୟଣ ଦାଶ): ଶେରଗଡ଼ରେ ହେରାପଞ୍ଚମୀ ପାଳିତ ହୋଇଛି। ଏହି ଅବସରରେ ଠାକୁରଙ୍କ ଲକ୍ଷ୍ମୀ ନୃସିଂହ ବେଶ ଅନୁଷ୍ଠିତ ହୋଇଯାଇଛି। ସାଧାରଣତଃ ଯାତ୍ରାର ପଞ୍ଚମ ଦିନ ଏହି ବେଶ ଅନୁଷ୍ଠିତ ହୋଇଥାଏ। ଏହି ଅବସରରେ ଶେରଗଡର ରମୁଣିସାହି ଉତ୍ସବ ମୁଖର ହେବା ସଙ୍ଗେ ସଙ୍ଗେ ପ୍ରବଳ ଜନସମାଗମ ହୋଇଥିଲା। ରାତିରେ ଲକ୍ଷ୍ମୀ ଆସି ରଥ ପଡିବାର ବିଧି ରହିଛି। ସେହି ପରିପ୍ରେକ୍ଷୀରେ ଶନିବାର ସନ୍ଧ୍ୟାରେ ଆଡପ ମନ୍ଦିରକୁ ଅସ୍ଥାୟୀ ମଞ୍ଚ ଉପରେ ଭୁବନେଶ୍ୱର ଭଜନ ଭକ୍ତି ଅର୍ଘ୍ୟ ପକ୍ଷରୁ ଭଜନ ପରିବେଷଣ କରିଥିଲେ।

### ଡାଲା ଗାଡ଼ି ଧକ୍କାରେ ଜଣେ ମୃତ

ଫୁଲବାଣୀ, ୨୪ା୬(ରାକେଶ ରାଉତ)– ଫିରିଙ୍ଗିଆ ବ୍ଲକ ସାଡିଙ୍ଗିଆ ପଞ୍ଚାୟତ ସାଡିଙ୍ଗିଆ ପାଣି ପମ୍ପ ନିକଟ ବୁଲାଣି ରାସ୍ତାରେ ଏକ ଡାଲା ଗାଡି ଧକାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତ ଯୁବକ ହେଲେ ସାଡିଙ୍ଗିଆ ଗାଁର ଜୋତି କହଁର। ଶୁକ୍ରବାର ବିଳମ୍ବିତ ରାତିରେ ୩ ଜଣ ଯୁବକ ସାଡିଙ୍ଗିଆ ନିକଟ ଲେଣ୍ଡ୍ରି ଗାଁରେ ଚାଲିଥିବା ବରାଳଦେବୀ ଯାତ୍ରା ଦେଖିବାକୁ ଆସି ଗାଁକୁ ଚାଲି ଚାଲି ଫେରୁଥିଲେ। ସାଡିଙ୍ଗିଆ ନିକଟ ବୁଲାଣି ରାସ୍ତାରେ ସେମାନଙ୍କୁ ପଛ ପଟୁ ଏକ ଡାଲା ଗାଡି ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଜୋତିଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେଙ୍କଠାରୁ ଖବର ପାଇ ଆମ୍ବୁଲାନ୍ସ କର୍ମଚାରୀ ସେଠାରେ ପହଞ୍ଚି ଅନ୍ୟ ଦୁଇ ଜଣଙ୍କୁ ମେଡିକାଲ ଆଣିଥିଲେ। ମୃତ ଜୋତିଙ୍କ ପିତା ଲିଙ୍ଗୁରାଙ୍କ ଅଭିଯୋଗ କ୍ରମେ ଥାନାରେ ନଂ.୧୦୩/୨୩ ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଦୁର୍ଘଟଣା ଘଟାଇଥିବା ଡ୍ରାଇଭର ଫେରାର ଅଛନ୍ତି।

### ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ଅଷ୍ଟଦୁର୍ଗ ଅଧିବେଶନ

ପୋଲସରା,୨୪ା୬(ସୁବ୍ରତ ବେହେରା): ପୋଲସରା ବ୍ଲକ ଅନ୍ତର୍ଗତ ଶରଣ ଶ୍ରୀକ୍ଷେତ୍ର ମଥୁରା କଲ୍ୟାଣ ମଣ୍ଡପଠାରେ ଦକ୍ଷୀଣ ଓଡିଶା ସାହିତ୍ୟ ସମ୍ମିଳନୀ ଅଷ୍ଟଦୂର୍ଗର ଦୁଇଦିନିଆ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଶନିବାର ଏହି କାର୍ଯ୍ୟକ୍ରମରେ ଆଠଗଡ ରାଜା ସାହେବ ଦୂର୍ଗାପ୍ରଶାଦ ହରିଶ୍ଚନ୍ଦନ ଜଗଦେବ ଉଦ୍‌ଘାଟନ କରିଥିଲେ। ବଡଗଡ କୁମାର ସାହେବ କୃଷ୍ଣଚରଣ ସିଂହ, ବଡଖେମୁଣ୍ଡି ରାଜା ସାହେବ ଲକ୍ଷ୍ମୀନାରାୟଣ ଦେବ, ଗୋକୁଳାନନ୍ଦ ପଣ୍ଡା, ଅରୁଣ କୁମାର ମିଶ୍ର, ମଥୁରା ମଠାଦେଶ ସୁନ୍ଦର ରାମ ଦାସ ମହନ୍ତ ମହାରାଜା ଅତିଥି ଭାବେ ଯୋଗଦେଇ ଥିଲେ। ଦକ୍ଷୀଣ ଓଡିଶା ସାହିତ୍ୟ ମହା ସମ୍ମିଳନୀର ମହା ସଚିବ ଦଣ୍ଡପାଣି ମହାପାତ୍ର ଉକ୍ତ କାର୍ଯ୍ୟକ୍ରମକୁ ଆୟୋଜନ କରିଥିବା ବେଳେ ପ୍ରହ୍ଲାଦ ବେହେରା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଦୁଇ ଦିନ ଧରି ଚାଲିବ ବୋଲି ଦଣ୍ଡପାଣି ମହାପାତ୍ର କହିଛନ୍ତି।

### ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାକୁ ନିନ୍ଦା

ପାରଳାଖେମୁଣ୍ଡି, ୨୪ା୬(ଗିରିଧାରୀ ପରିଛା): ପୁରୀ ରଥଯାତ୍ରା ଖବର ସଂଗ୍ରହ ସମୟରେ ୨ଜଣ କାର୍ଯ୍ୟରତ ସାମ୍ବାଦିକଙ୍କୁ ଶ୍ରୀମନ୍ଦିରର ସେବାୟତଙ୍କ ଦ୍ୱାରା ହୋଇଥିବା ଆକ୍ରମଣ ଘଟଣାକୁ ଗଜପତି ଜିଲା ସାମ୍ବାଦିକଦସଂଘ ନିନ୍ଦା କରିଛି। ଦୋଷୀ ସେବାୟତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ଜରିଆରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ପୁରୀ ଶ୍ରୀମନ୍ଦିର ସେବାୟତଙ୍କ ସାମ୍ବାଦିକଙ୍କ ପ୍ରତି ଏଭଳି ଦୁର୍ବ୍ୟବହାର ପ୍ରଥମ ଘଟଣା ନୁହେଁ। ପୂର୍ବରୁ ଅନେକ ଥର ସାମ୍ବାଦିକଙ୍କୁ ଏଭଳି ଆକ୍ରଣ କରୁଛନ୍ତି । ତେଣୁ ସେବାୟତ ମାନଙ୍କ ଏଭଳି ଆଚରଣ ଆଦୌ ଠିକ ନୁହେଁ। ସାମ୍ବାଦିକଙ୍କ ସୁରକ୍ଷା ଲାଗି ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ ପାଇଁ ଦାବି ହୋଇଛି। ଏହି ସ୍ମାରକ ପତ୍ର ପ୍ରଦାନ ବେଳେ ଜିଲାସ୍ତରୀୟ ସାମ୍ବାଦିକମାନେ ଉପସ୍ଥିତ ଥିଲେ।

# ଚତୁର୍ଦ୍ଧାମୂର୍ତ୍ତିଙ୍କ ଆଡ଼ପ ଦର୍ଶନ ପାଇଁ ଭିଡ଼



ବୁଗୁଡ଼ା,୨୪ା୬(କାଳି ଚରଣ ଦାଶ)
ପବିତ୍ର ହେରାପଞ୍ଚମୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଆଡ଼ପ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ମହାପ୍ରଭୁ ଗୋଟିଏ ଦିନ ଭାଇଭଉଣୀଙ୍କୁ ନେଇ ଗୁଣ୍ଡିଚା ବୁଲି ଆସିବେ କହି ପାଞ୍ଚ ଦିନ ହେଲା ମନ୍ଦିରକୁ ଫେରି ନଥିବାରୁ କ୍ରୋଧ ଜର୍ଜରିତା ମହାଲକ୍ଷ୍ମୀ ପାଲିଙ୍କିରେ ଆସି ଆଡପ ମଣ୍ଡପରେ ପହଞ୍ଚି ଥିଲେ। ସେଠାରେ ପୂଜାପାଠ ସହ ଅଭିମାନିନୀ ଲକ୍ଷ୍ମୀଙ୍କୁ ବୁଝାଶୁଝା ପରେ ମହାପ୍ରଭୁଙ୍କଠାରେ ଶୀଘ୍ର ଲେଉଟିବାର ସର୍ତ୍ତ ରଖି ଲକ୍ଷ୍ମୀ ମନ୍ଦିରକୁ ଫେରିଥିଲେ। ଫେରିବା ବାଟରେ ସେ ମହାପ୍ରଭୁଙ୍କ ରଥ ଭାଙ୍ଗିଥିଲେ। ଉକ୍ତ କାର୍ଯ୍ୟକ୍ରମ ଦେଖିବାକୁ ଶ୍ରଦ୍ଧାଳୁଙ୍କ ସମାବେଶ ଘଟିଥିଲା। ପୂଜକ ଦେବେନ୍ଦ୍ର ପାଣି, ସନ୍ୟାସୀ ପଣ୍ଡା, ଅଶୋକ ପାଣି, ବଳରାମ ପାଢୀ, ଆଶିଷ କୁମାର ପାଣି ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ରୀତିନୀତି ପ୍ରକାରେ ସମ୍ପାଦନ କରିଥିଲେ।

# ନିର୍ବନ୍ଧ ସାରି ଫେରୁଥିବା ବେଳେ ଯାତ୍ରୀବାହୀ ବସ ଦୁର୍ଘଟଣା ଗ୍ରସ୍ତ

## ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହାତ

ଓଡଗାଁ,୨୪ା୬(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଆଦର୍ଶ ଥାନା ଓ ବାହାଡାଝୋଲା ଫାଣ୍ଡି ଅନ୍ତର୍ଗତ ଖଙ୍ଗାରପଲି ନିକଟରେ ଏକ ଯାତ୍ରୀବାହୀ ବସ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା ପାର୍ଶ୍ୱକୁ ଓଲଟିପଡିଛି । ଏଥିରେ ଥିବା ସମସ୍ତ ୪୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି । ସେମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

ସୂଚନା ଅନୁଯାୟୀ, ଓଡି ୦୯ ବି ୦୫୩୩ ନମ୍ବର ବିଶିଷ୍ଟ ଫୁଲତୁଳସୀ ବସରେ ସମସ୍ତ ଯାତ୍ରୀ ନୟାଗଡ଼ ନିକଟସ୍ଥ ଦୁରୁଦୁରା ଗ୍ରାମରୁ ବାହାରି ଭଞ୍ଜନଗର ନିକଟସ୍ଥ ପଦ୍ମପୁର ଗ୍ରାମକୁ ଏକ ନିର୍ବନ୍ଧ ଭୋଜି ପାଇଁ ଯାଇଥିଲେ । ଶୁକ୍ରବାର ରାତିରେ ନିର୍ବନ୍ଧ ଭୋଜିସାରି ସୁନାମୁହିଁ –ବାହାଡାଝୋଲା ରାସ୍ତାରେ ଦୁରୁଦୁରା ଫେରୁଥିବା ବେଳେ ଗାଡି ଚାଳକଙ୍କ ଅସାବଧାନତାରୁ ଖାନଗରପଲି ଜଙ୍ଗଲ ରାସ୍ତାରେ ଗାଡି ଦୁର୍ଘଟଣା ଗ୍ରସ୍ତ ହୋଇ ଶନିବାର ଭୋର ସମୟରେ ରାସ୍ତା ପାର୍ଶ୍ୱକୁ ଓଲଟିପଡ଼ିଥିଲା । ଦୁର୍ଘଟଣା ଘଟାଇ ଚାଳକ ଫେରାର ହୋଇଯାଇଥିବା ବେଳେ ସ୍ଥାନୀୟ ଲୋକେ ଗାଡି କାଚ ଭାଙ୍ଗି ସମସ୍ତଙ୍କୁ ବାହାର କରି ଆମ୍ବୁଲାନ୍ସ ମଗାଇ ଓଡଗାଁ ହସ୍ପିଟାଲକୁ ପଠାଇଥିଲେ । ପୋଲିସ ଘଟଣାର ତଦନ୍ତ କରଛି । ହେଲେ ସମସ୍ତ ଯାତ୍ରୀଙ୍କ ନିଜ ଜୀବନ ରକ୍ଷା ହୋଇଛି । ଗ୍ରାମବାସୀଙ୍କ ସମେତ ଦ୍ୟୁତିକେଶର ମହାଦେବଙ୍କ ସେବକ ମାନସ ମହାପାତ୍ର ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ ।



# ସାମାଜିକ ନାଟକ କାଇଁଚ ମାଳି ମଞ୍ଚସ୍ଥ

ଆସିକା,୨୪ା୬(ସୁରେନ୍ଦ୍ର ନାଥ ସାହୁ):

ଆସିକା ଏନଏସିର ୧୮ ନଂ ୱାର୍ଡ ପାକଳାପଲ୍ଲୀ ଗ୍ରାମରେ ଶୁକ୍ରବାର ରାତିରେ ସାମାଜିକ ନାଟକ କାଇଁଚ ମାଳି ଆସିକା ଏମ.ପି. ପ୍ରମିଳା ବିଷୋୟୀଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବିଧାୟିକା ମଂଜୁଳା ସ୍ୱାଇଁ ଓ ଏନଏସି ଅଧକ୍ଷା ବିନେତା ସ୍ୱାଇଁ ଯୋଗଦେଇଥିଲେ । ଗ୍ରାମ୍ୟ ସଭାପତି ସନ୍ତୋଷ କୁମାର ପୋଲାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଗଂଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଏମପି. ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁ, ବରିଷ୍ଠ ବିଜେଡି ନେତା ଭଗବାନ ସାହୁ, ଶିବ ନାହାକ, ଦିଲ୍ଲୀପ ପାଣିଗ୍ରାହୀ, ଅନିମା ପରିଡା, ସୁଜାତା ପରିଡା, ଜିଲ୍ଲା ପରିଷଦ ସଦସ୍ୟ ମନୋଜ ଦୋରା, ସୌଦାମିନୀ ନାୟକ, ତନ୍ମୟୀ ନାହାକ ପ୍ରମୁଖ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ । ସାମାଜିକ ସମ୍ପର୍କ ଉପରେ ଆଧାରିତ ଏହି ନାଟକକୁ ସୁଶାନ୍ତ କୁମାର ସାହୁ ନିର୍ଦ୍ଦେଶନା ଦେଇଥିଲା ବେଳେ ସୂର୍ଯ୍ୟକାନ୍ତ ପରିଡା, ସାଇ ଶଙ୍କର ପୋଲାଇ, ପ୍ରିୟାଂଶୁ ପରିଡା, ମଧୁସୂଦନ ପରିଡା, ସୀମାଞ୍ଚଳ ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଅବ୍ୟକ୍ତ ସ୍ମୃତି ଦିବସ ପାଳିତ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଆସିକା,୨୪ା୬ (ସୁରେନ୍ଦ୍ର ନାଥ ସାହୁ):
ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଆସିକା ବସଷ୍ଟାଣ୍ଡସ୍ଥିତ ଶାନ୍ତ ଶକ୍ତି ଭବନରେ ଶନିବାର ବିଶ୍ୱବିଦ୍ୟାଳୟର ପ୍ରଥମ ମୁଖ୍ୟ ପ୍ରଶାସିକା ଜଗଦମ୍ବା ସରସ୍ୱତୀଙ୍କ ୫୮ତମ ଅବ୍ୟକ୍ତ ସ୍ମୃତି ଦିବସ ପାଳିତ ହୋଇଥିଲା। ବ୍ରହ୍ମକୁମାରୀ ପ୍ରଭାତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ବାଡତ୍ୟା, ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ପାଣିଗ୍ରାହୀ, ପ୍ରମୋଦ କୁମାର ଗୌଡ, ପ୍ରଭାକର ପଣ୍ଡା ପ୍ରମୁଖ ଯୋଗଦେଇ ଜଗଦମ୍ବା ସରସ୍ୱତୀଙ୍କ ତ୍ୟାଗପୁତ ଜୀବନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏତଦ ଅବସରରେ ରାଜଯୋଗର ଅଭ୍ୟାସ କରାଯାଇଥିଲା । ସତ୍ୟପ୍ରିୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଓଡ଼ିଶା ମୋଟର ଚାଳକ ସଂଘର ସହାୟତା

ରାଇକିଆ,୨୪ା୬(ପ୍ରଦିପ କୁମାର ବେହେରା)

କନ୍ଧମାଳ ଜିଲା ରାଇକିଆର ଓଡ଼ିଶା ମୋଟର ଚାଳକ ସଂଘର ବରିଷ୍ଠ ସଦସ୍ୟ ଶତ୍ରୁଘ୍ନ ନାୟକଙ୍କର ଗତ ୧୩ ତାରିଖରେ ବିୟୋଗ ଘଟିଥିଲା। ଶନିବାର ରାଜ୍ୟ ସଂଘ ତରଫରୁ କନ୍ଧମାଳ ଜିଲା ସଭାପତି ବାସୁଦେବ କହଁର, ପରାମର୍ଶଦାତା ଶୁକଦେବ ଦେହୁରୀ, କୋଷାଧ୍ୟକ୍ଷ ନରେନ୍ଦ୍ର ନାୟକ, କଲ୍ୟାଣ ପାଣ୍ଠି ସଂଯୋଜକ ଅନନ୍ତ ମାଝୀ, ଜିଲା ସଙ୍ଗଠନ ସମ୍ପାଦକ ଗୋପାଳ ରାଓ, ରାଇକିଆ ଶାଖା ସଭାପତି ହେରଜ ନାୟକ, ଉପସଭାପତି ଶଙ୍କର ବେହେରାଙ୍କ ସମେତ ସଂଘ ସଦସ୍ୟମାନେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଯୋଗ ଦେବା ସହ ଶତ୍ରୁଘ୍ନ ନାୟକଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ୩୦,୦୦୦ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ଶତ୍ରୁଘ୍ନ ସଂଘର ସକ୍ରିୟ ସଦସ୍ୟ ଭାବେ ୪ ବର୍ଷ ଧରି କାର୍ଯ୍ୟ କରି ଆସୁଥିଲେ ।

# ହେରାପଞ୍ଚମୀ, ମା’ଲକ୍ଷ୍ମୀ ଠାକୁରାଣୀ ରଥ ଭାଙ୍ଗି ବାହୁଡିଲେ

ଖଣ୍ଡପଡା,୨୪ା୬
(ଅଜୟ କୁମାର ମହାରଣା)

ଶ୍ରୀ ଜଗନ୍ନାଥ ଜୀଉଙ୍କ ରଥ ଯାତ୍ରାର ପଞ୍ଚମ ଦିବସ ହେରାପଞ୍ଚମୀ ଉତ୍ସବ ଶନିବାର ଖଣ୍ଡପଡାଠାରେ ଶୃଙ୍ଖଳିତ ଭାବେ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇ ଯାଇଛି । ଛତିଶା ନିଯୋଗରେ ଠାକୁର ବୋଇତବାଡି ଆଡପ ମଣ୍ଡପକୁ ବିଜେହୋଇଥିଲେ । ପରେ ମା’ଲକ୍ଷ୍ମୀ ସେଠାରେ ପହଁଞ୍ଚିବା ପରେ ଠାକୁରଙ୍କ ପାଖରୁ ନିମନ୍ତ୍ରଣ ଆସି ତିନି ଠାକୁର ଏବଂ ମା’ଲକ୍ଷ୍ମୀ ଉଭୟଙ୍କ ଆଳତୀ ଅନୁଷ୍ଠିତ ହୋଇ ଧୂପ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ମା’ଲକ୍ଷ୍ମୀ ଜଗନ୍ନାଥଙ୍କୁ ଶ୍ରୀ ମନ୍ଦିରକୁ ଫେରିବା ପାଇଁ ଅନୁରୋଧ କରିଥିଲେ । ମାତ୍ର ବଡ଼ ଠାକୁର ମା’ଲକ୍ଷ୍ମୀଙ୍କ ଅନୁରୋଧକୁରଖିଲେ ନାହିଁ। ଏଥିରେ ରୋଷ କରି ମହାଲକ୍ଷ୍ମୀ ଜଗନ୍ନାଥଙ୍କ ରଥକୁ ଭାଙ୍ଗି ମନ୍ଦିରକୁ ଫେରି ଆସିଥିଲେ । ପ୍ରକାଶ ଯେ, ହେରାପଞ୍ଚମୀ ଅବସରରେ ମା’ ମହାଲକ୍ଷ୍ମୀ ବେଶଭୁଷା ହୋଇ ଏକ ସୁସଜ୍ଜିତ ବିମାନରେ ସନ୍ଧ୍ୟାଧୂପ ପରେ ମାଉସୀ ମା’ଙ୍କ ମନ୍ଦିର ଆଡପ ମଣ୍ଡପକୁ ବିଜେ କରିଥିଲେ । ଘଣ୍ଟ ଘଣ୍ଟା ଛତ୍ରୀ, କାହାଳୀର ପଟୁଆରରେ ମହାଲକ୍ଷ୍ମୀ ମାଉସୀ ମା’ ମନ୍ଦିର ସମ୍ମୁଖ ଜଗନ୍ନାଥଙ୍କ ରଥ ପାଖରେ ପହଁଞ୍ଚିଥିଲେ । ମହାପ୍ରଭୂଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆସି ଲକ୍ଷ୍ମୀଙ୍କୁ ପ୍ରଦାନ କରାଯାଇଥିଲା । ସେଠାରେ ମା’ଠାକୁରାଣୀଙ୍କ ପକ୍ଷରୁ ମନ୍ଦିର ସେବକ ପୁରାଣ କଥାବସ୍ତୁକୁ ଆଧାର କରି ପ୍ରଭୂ ଜଗନ୍ନାଥଙ୍କ ସହ ଝଗଡା କରିଥିଲେ । ଶ୍ରୀ ଜୀଉ ନ ଫେରିବାରୁ ମା’ଲକ୍ଷ୍ମୀ କ୍ରୋଧାନ୍ୱିତ ହୋଇ ରଥକୁ ଦକ୍ଷିଣ ମୋଡ କରିବାକୁ ମାତଳୀକୁ ନିର୍ଦ୍ଦେଶ ଦେଇଥିଲେ । ପରେ ମା’ ଲକ୍ଷ୍ମୀ କ୍ରୋଧାନ୍ୱିତ ହୋଇ ରଥକୁ ଭାଙ୍ଗି ସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ ଓ ସିଂହଦ୍ୱାର କବାଟ ବନ୍ଦ କରି ଦେଇଥିଲେ । ରାତ୍ର ପ୍ରାୟ ସାଢେ ୧୦ଟା ସମୟରେ ହେରା ପଞ୍ଚମୀ କାର୍ଯ୍ୟ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିବା ଖଣ୍ଡପଡା ଦେବୋତ୍ତର ମ୍ୟାନେଜର ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକଙ୍କ ସୁତ୍ରରୁ ଜଣାପଡିଛି । ସେହିପରି ଖଣ୍ଡପଡା ବ୍ଲକ ଅନ୍ତର୍ଗତ ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠସ୍ଥ ଜଗନ୍ନାଥ ଜୀଉ, ଖଳିସାହି ଓ କୁମ୍ଭାରପଡାଠାରେ ଏହି ପାରମ୍ପରିକ ପ୍ରଥା ଅନୁସାରେ ଜଗନ୍ନାଥ ଠାକୁରଙ୍କ ହେରା ପଞ୍ଚମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ଇନ୍‌ଡୋର ଷ୍ଟାଡିୟମ ନିର୍ମାଣରେ ଦୁର୍ନୀତି ଅଭିଯୋଗ


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତା।

ବେଗୁନିଆପଡ଼ା,୨୪ା୬(ସୁଶାନ୍ତ ପଟ୍ଟନାୟକ)
ମାତ୍ର ୧୮ ମାସ ଧରି ୭ କୋଟିର ବଜେଟରେ ନିର୍ମାଣ ଚାଲିଥିବା କୋଦଳା ଇନ୍‌ଡୋର ଷ୍ଟାଡିୟମର କିଛି ଅଂଶ ଗତ ୨୨ ତାରିଖରେ ସାମାନ୍ୟ ବର୍ଷାରେ ଭୁଶୁଡ଼ି ପଡିଛି। ଏହାକୁ ନେଇ ବିବାଦ ଦେଖାଦେବା ପରେ ଶନିବାର ଉକ୍ତ କାନ୍ଥକୁ ମରାମତି କରି ପ୍ୟାଚ୍ ପକାଇ ଦେଇଛି ପ୍ରଶାସନ। ଉକ୍ତ ଘଟଣାକୁ ଘୋଡ଼ାଇ ଦେବାକୁ ଉଦ୍ୟମ କରାଯାଉଛି। ଏଥିରେ ପ୍ରଶାସନିକ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଥିବା ଭାଜପା ଅଭିଯୋଗ କରିଛି। ଆଗାମୀ ଦିନରେ ଉକ୍ତ ଷ୍ଟାଡିୟମ୍‌ରେ ଯଦି ଆଉ କିଛି ଅଘଟଣ ଘଟିବ ତେବେ କିଏ ଦାୟୀ ରହିବେ ବୋଲି ପ୍ରଶ୍ନ କରିଛି ଭାଜପା। ଏ ନେଇ ଏନ୍‌ଏସି ପରିସରରେ ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ କବିସୂର୍ଯ୍ୟନଗରର ଭାଜପା ନେତା ରଞ୍ଜନ ପଲେଇ, କୋଦଳା ଏନ୍‌ଏସି ଅଧକ୍ଷ ସୂର୍ଯ୍ୟ ନାରାୟଣ ନାୟକ, ଉପାଧକ୍ଷା ରଞ୍ଜିତା ସେଠୀ, କୋଦଳା ମଣ୍ଡଳ ସଭାପତି ତଥା କାଉନସିଲର ମଧୁସୂଦନ ଜେନା, କାଉନ୍‌ସିଲର ରୀତାଞ୍ଜଳି ମିଶ୍ର, କାଉନ୍‌ସିଲର ଶ୍ରୀୟାଂଶୁ ବେହେରା ଉପସ୍ଥିତ ଥିଲେ। ସମ୍ମିଳନୀରେ ଉକ୍ତ ଘଟଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଲାଗି ଦାବି ହୋଇଛି। ଉକ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଜିଲାପାଳଙ୍କୁ ଅନୁରୋଧ କରାଯିବ ବୋଲି ଭାଜପା କହିଛି।

# ଅନାଥ ଆନାଲିସାଙ୍କ ହାତ ଧରିଲେ ରବି

ଫୁଲବାଣୀ, ୨୪ା୬(ରାକେଶ ରାଉତ)

ଅନାଥ ଆନାଲିସାଙ୍କ ହାତ ଧରି ଇଞ୍ଜିନିୟର ରବି ଚର୍ଚ୍ଚାକୁ ଆସିଛନ୍ତି। ଫୁଲବାଣୀ ସ୍ଥିତ ସାଧନ କେନ୍ଦ୍ର ପରିସରରେ ଅନୁଷ୍ଠିତ ଏହି ବିବାହରେ ସମ୍ପୂର୍ଣ୍ଣ ସହଯୋଗର ହାତ ବଢ଼ାଇଛି କନ୍ଧମାଳ ଜିଲା ପ୍ରଶାସନ । ବହୁ ଧୁମ୍‌ଧାମରେ ବିବାହ ଶେଷ ହେବା ପରେ ସମସ୍ତେ ନବ ଦମ୍ପତିଙ୍କୁ ଆଶିର୍ବାଦ କରିଛନ୍ତି। ଏହି ବିବାହ ସମାଜକୁ ଏକ ସୁନ୍ଦର ବାର୍ତ୍ତା ଦେଇଛି ।

ଫୁଲବାଣୀ ସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନ ସାଧନରେ ଲାଳନ ପାଳନ ହୋଇଥିଲେ ଆନାଲିସା। ଯୁକ୍ତ ୨ ପାସ୍ ପରେ ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟରେ ଡାଟା ଏଣ୍ଟ୍ରି ପାଠ୍ୟକ୍ରମ ଶେଷ କରିଥିଲେ। ରବି ଏବେ ରିଲାଏନ୍ସରେ ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି। ସେ କେନ୍ଦ୍ରୀୟ ବିଦ୍ୟାଳୟର ଜଣେ ଶିକ୍ଷକଙ୍କର ସମ୍ପର୍କୀୟ । ଏହି ବିବାହକୁ ନେଇ ସମ୍ପୃକ୍ତ ଶିକ୍ଷକ, ରବି ଇଚ୍ଛା ପ୍ରକାଶ କରିଥିଲେ । ଏଥିରେ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ସହଯୋଗ କରିଥିଲା । ବିବାହ କାର୍ଯ୍ୟକ୍ରମରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ୍, ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ, ଜିଲା ଶିଶୁ ଶୁରକ୍ଷା ଅଧିକାରୀ ରଶ୍ମିତା କରଣ, ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଡେପୁଟି କଲେକ୍ଟର ପ୍ରଭାତୀ ମହାରଣା, ଅନୀତା ସାହୁ, ମାଲେଶ୍ୱର ପାତ୍ର. ଶିଶୁ ମଙ୍ଗଳ ସମିତି ଅଧକ୍ଷ ରଜତ ଦିଗାଲ, ସଭ୍ୟ ମମତା ଦାସ, ସଦାଶିବ ପାତ୍ର ଓ ପ୍ରସନ୍ନ ବିଶୋଇ ପ୍ରମୁଖ ଏହି ବିବାହରେ ଯୋଗଦେଇ ବର କନ୍ୟାଙ୍କୁ ଆର୍ଶିବାଦ କରିଥିଲେ। ଏହି ଅବସରରେ ବିଜୁ ଶିଶୁ ସୁରକ୍ଷା ଯୋଜନାରେ ବିବାହ ସହାୟତା ପାଇଁ ଜିଲା ପ୍ରଶାସନ ତରଫରୁ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ସୁଚନାଯୋଗ୍ୟ ଶିଶୁ ଯତ୍ନ ଅନୁଷ୍ଠାନ ସାଧନରେ ଏବେ ୧୦୭ଜଣ ଅନାଥ ଶିଶୁ ଅଛନ୍ତି।



ପ୍ରଶାସନିକ ଅଧିକାରୀଙ୍କ ସହ ବରକନ୍ୟା ।

## ସଂକ୍ଷେପରେ

### ଶ୍ରୀକ୍ଷେତ୍ରରେ ସେବା ଶିବିର

ବାଲିଚନ୍ଦ୍ରପୁର,୨୪।୬(ଗିରିଜା ପ୍ରସାଦ ସାହୁ): ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ଅଞ୍ଚଳର ମହାବାହୁ ଗ୍ରୁପ୍ ଓଡ଼ିଶା ଟ୍ରଷ୍ଟ ପକ୍ଷରୁ ରଥଯାତ୍ରା ସେବା ଶିବିର ଶ୍ରୀକ୍ଷେତ୍ର ପୁରୀଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକୁ ଆସୁଥିବା ଲକ୍ଷଲକ୍ଷ ଶ୍ରଦ୍ଧାଳୁଙ୍କୁ ଟ୍ରଷ୍ଟ ପକ୍ଷରୁ ସେବା ସହ ସୁରକ୍ଷା ଯୋଗାଇ ଦିଆଯାଇଥିଲା। ମୁଖ୍ୟତ ଖାଦ୍ୟ ବଣ୍ଟନ, ଜଳ ବଣ୍ଟନ, ପ୍ରାଥମିକ ଚିକିତ୍ସା, ଜଳ ସିଞ୍ଚନ, ଆମ୍ବୁଲାନ୍ସ ସେବା, ସୂଚନା କେନ୍ଦ୍ର, ଭିଡ଼ ନିୟନ୍ତ୍ରଣ, ବଡ଼ ଦାଣ୍ଡ ସଫେଇ ଓ ଗୁରୁତର ରୋଗୀଙ୍କୁ ପୁରୀ ହସ୍ପିଟାଲରେ ପହଞ୍ଚାଇବା ଆଦି ସେବା କାର୍ଯ୍ୟରେ ଟ୍ରଷ୍ଟର ଶତାଧିକ ସଦସ୍ୟ ନିୟୋଜିତ ହୋଇଥିଲେ। ଘୋଷଯାତ୍ରାକୁ ଆସୁଥିବା ଶ୍ରଦ୍ଧାଳୁ ଯେପରି ଭାବେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ବିଶେଷ ଭାବେ ଧ୍ୟାନ ଦିଆଯାଇଥିଲା। ରଥ ଟଣାର ପରବର୍ତ୍ତୀ ସମୟରେ ବଡ଼ଦାଣ୍ଡ ସଫେଇ କରାଯାଇଥିଲା। ଟ୍ରଷ୍ଟ ପକ୍ଷରୁ ଚଳିତ ବର୍ଷ ରଥଯାତ୍ରା ସେବା ଶିବିରରେ ୬୭୮ ସଦସ୍ୟାସଦସ୍ୟ ନିୟୋଜିତ ଥିବା ଅନୁଷ୍ଠାନର ପ୍ରତିଷ୍ଠାତା ଶିବ ପ୍ରସାଦ ସାମଲ ପ୍ରକାଶ କରିଛନ୍ତି।

# ମରାମତି ଶେଷ ନ କରି ଠିକାଦାର ଫେରାର

କୋରେଇ,୨୪।୬(ଡି.ଏନ.ଏ.):

ଯାଜପୁର ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗର କେତେଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ପାଇଁ ରାସ୍ତା ନିର୍ମାଣ ଓ ମରାମତିରେ ଦୁର୍ନୀତି ବଢ଼ିଚାଲିଛି। କେଉଁଠି କାମ ନ କରି ବିଲ୍ ପ୍ରେରିତ ହେଉଛି ତ କେଉଁଠି ନିମ୍ନମାନର କାମ କରି ଠିକାଦାର ଓ ଯନ୍ତ୍ରୀ ମିଳିମିଶି ଆବଣ୍ଟିତ ଅର୍ଥରାଶି ହରିଲୁଟ କରୁଥିବା ଅଭିଯୋଗ ହେଉଛି। ମାତ୍ର ଯେତେ ଅଭିଯୋଗ ହେଲେ ମଧ ତଦନ୍ତ ନିର୍ଦ୍ଦେଶ କାଗଜକଲମରେ ସୀମିତ ରହୁଛି। ଠିକାଦାର ଓ ଦାୟିତ୍ୱରେ ଥିବା ଯନ୍ତ୍ରୀମାନେ ମିଳିମିଶି ବିପୁଳ ସରକାରୀ ଅନୁଦାନ ଆତ୍ମସାତ କରୁଥିବା ଆଲୋଚନା ହେଉଛି। ଏଠାରେ ରଗଡ଼ିଠାରୁ କିଆପଦା ଭାୟା କୋରାବନ୍ଦୀ ୫.୫ କି.ମି. ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତାକୁ ଉଦାହରଣ ଭାବେ ନିଆଯାଇଛି। ଏହି ରାସ୍ତାର ମରାମତି କାମକୁ ଠିକାଦାର ଶେଷ ନ କରି ଛାଡ଼ି ପଳାଇଛନ୍ତି। ଏନେଇ ଧରିତ୍ରୀରେ ଗତ ୨୩ ତାରିଖରେ ଖବର ପ୍ରକାଶ ପାଇବା ପରେ ମୁଖ୍ୟ ଶାସନ ସଚିବ ଉପଯୁକ୍ତ ତଦନ୍ତ କରି ତୁରନ୍ତ ରାସ୍ତାର ମରାମତି କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।


ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି।

ଉକ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିବା ପରେ ୧୨।୧୧।୨୦୨୦ରେ ଏହାର ମରାମତି ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୬୨.୫୮ ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ବରାଦ ହୋଇଥିବାବେଳେ ୬ ମାସ ମଧ୍ୟରେ ଏହା ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ରହିଥିଲା। କଟକ ଜିଲା ଅଢେଇଗୁଣ୍ଠି ଅଞ୍ଚଳର ଠିକାଦାରଙ୍କୁ ଏହି ରାସ୍ତାର ଟେଣ୍ଡର ମିଳିଥିଲା। କାର୍ଯ୍ୟାଦେଶ ପାଇ ଠିକାଦାର ମରାମତି ଆରମ୍ଭ କରିଥିଲେ। ମାତ୍ର ଠିକାଦାର ଯନ୍ତ୍ରୀଙ୍କ ସହଭାଗିତାରେ ଅତ୍ୟନ୍ତ ନିମ୍ନମାନର କାମ କରି କିଆପଦା ପ୍ରାଇମେରି ସ୍କୁଲ ନିକଟରୁ କୋରାବନ୍ଦୀ ମଧଭାଗ ଯାଏ ୪ କି.ମି. ରାସ୍ତା ମରାମତି କରିଥିବା ଅଭିଯୋଗ କରି କିଆପଦା ଓ କୋରାବନ୍ଦୀ ଗ୍ରାମବାସୀ ଯାଜପୁର ଜିଲାପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗକୁ ଭିତ୍ତିକରି ସେତେବେଳେ ଦାୟିତ୍ୱରେ ଥିବା ଯନ୍ତ୍ରୀ ବିଶ୍ୱରଞ୍ଜନ ବେହେରାଙ୍କ ଉପସ୍ଥିତିରେ ଏହାର ତଦନ୍ତ କରାଯାଇଥିଲା। କାମ ନିମ୍ନମାନର ହେଉଥିବା ଜାଣିବାକୁ ପାଇ ଯନ୍ତ୍ରୀ ବେହେରା ଏହାର ପୁନଃ ମରାମତି କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଠିକାଦାର ସେହି ୪ କି.ମି. ରାସ୍ତା ଶେଷ କରି ଦୀର୍ଘ ୩ ବର୍ଷ ହେବ ଫେରାର ହୋଇଯାଇଛନ୍ତି। ଫଳରେ କୋରାବନ୍ଦୀଠାରୁ ରଗଡ଼ି ପର୍ଯ୍ୟନ୍ତ ବାକିଥିବା ୧.୫ କି.ମି. ରାସ୍ତା ଏବେ ଖାଲଖମାରେ ଭର୍ତ୍ତି ହୋଇ ବିପର୍ଯ୍ୟସ୍ତ ହୋଇପଡିଛି। ଏହି ରାସ୍ତା ଉପରେ ନିର୍ଭର କରୁଥିବା ପ୍ରାୟ ୧୦ଟି ଗ୍ରାମର ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ଥିବା ଗର୍ତ୍ତଗୁଡ଼ିକରେ ପାଣି ଜମିରହୁଛି। ବିଭିନ୍ନ ସମୟରେ ବାଇକ୍ ଆରୋହୀ ଦୁର୍ଘଟଣାର ଶିକାର ହେଉଛନ୍ତି। ଠିକାଦାର ୪ କି.ମି. କାମ କରି ପ୍ରାୟ ୫୭.୩୩ ଲକ୍ଷ ଟଙ୍କା ବିଲ୍ କରିନେଇଥିବା ଆର୍‌ଟିଆଇ ତଥ୍ୟରୁ ଜଣାପଡ଼ିଛି। ସେହିପରି ମାଇଲ ପୋଲ ପୋଷ୍ଟିଂ, ସାଇଡ ଫିଲିଂ, କଲଭର୍ଟ ମରାମତି, ଷ୍ଟୋନ ପ୍ୟାକିଂ ନକରି ଜାଲ ଚିଠା ପ୍ରସ୍ତୁତ କରି ଏହିସବୁ ବାବଦରେ ବିଲ୍ ହୋଇଥିବା ଜଣାପଡ଼ିଛି। କାମ ନ କରି କିପରି ୯୦ ପ୍ରତିଶତ ବିଲ୍ ହୋଇଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀ ମିଳିମିଶି ଏଥିରୁ ଲକ୍ଷାଧିକ ଟଙ୍କା ଆତ୍ମସାତ କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଗ୍ରାମ୍ୟ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ଜ୍ଞାନରଞ୍ଜନ ନାୟକଙ୍କୁ ଏକାଧିକ ଥର ଫୋନ୍ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ହେଁ ତାହା ସମ୍ଭବ ହୋଇ ପାରିନାହିଁ।

**ରଗଡ଼ିଠାରୁ କିଆପଦା ଭାୟା କୋରବନ୍ଧୀ ରାସ୍ତା**

- ୯୦ ପ୍ରତିଶତ ବିଲ୍ ଉଠାଣ
- ଖବର ପ୍ରକାଶ ପରେ ମରାମତି ନିର୍ଦ୍ଦେଶ ଦେଲେ ମୁଖ୍ୟ ଶାସନ ସଚିବ

## ବ୍ଲକ୍ ଅଧ୍ୟକ୍ଷଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ଜଣେ ଗିରଫ

ଧର୍ମଶାଳା,୨୪।୬(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟଙ୍କୁ ଦୁର୍ବ୍ୟବହାର କରିବା ମହଙ୍ଗା ପଡ଼ିଛି। ଏହି ଘଟଣାରେ ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ରଞ୍ଜନ କୁମାର ପାଳ(୪୩)। ତାଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି। ବ୍ଲକ ଅଧ୍ୟକ୍ଷ ଶୁକ୍ରବାର କୁମାରୀ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ ପାଇଁ ସମର୍ଥକଙ୍କ ସହିତ ବିଭିନ୍ନ ୱାର୍ଡ ବୁଲୁଥିଲେ। ପରେ ସେ ଭାଲୁଖାଇସ୍ଥିତ ଅଙ୍ଗେଶ୍ୱରୀ ମନ୍ଦିରର ଭିତ୍ତିଭୂମି ଦେଖିବାକୁ ଯାଉଥିବାବେଳେ ସେହି ୱାର୍ଡର କେତେଜଣ ଯୁବକ ତାଙ୍କୁ ଗାଁରେ ପଶିବାକୁ ବାରଣ କରିବା ସହ ଝାମେଲା କରିଥିଲେ। ଫଳରେ ସେଠାରେ କିଛି ସମୟ ପାଇଁ ବ୍ଲକ ଅଧ୍ୟକ୍ଷଙ୍କ ସମର୍ଥକ ଓ ସ୍ଥାନୀୟ ଯୁବକଙ୍କ ମଧ୍ୟରେ କଥାକଟାକଟି ହୋଇଥିଲା। ଅଧ୍ୟକ୍ଷ ସେଠାରୁ ଫେରିଆସି ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ୨ ନମ୍ବର ୱାର୍ଡର ଯୁବକ ମଧ୍ୟ ଥାନାରେ ପାଲଟା ଅଭିଯୋଗ କରିଥିଲେ। ପୋଲିସ ଅଧ୍ୟକ୍ଷଙ୍କ ଅଭିଯୋଗକ୍ରମେ ନଂ.୩୧୮/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଯୁବକମାନେ ଦେଇଥିବା ଅଭିଯୋଗର ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଯୋଗ ଦିବସ

ବାଲିଚନ୍ଦ୍ରପୁର,୨୪।୬
(ଗିରିଜା ପ୍ରସାଦ ସାହୁ)

ବଡ଼ଚଣା ଶିକ୍ଷାମଣ୍ଡଳ ଅଧୀନ ବାଲିଚନ୍ଦ୍ରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଯୋଗ ଦିବସ ପାଳିତ ହୋଇଯାଇଛି। ଶିଶୁ ବିଦ୍ୟାମନ୍ଦିର ମାତୃ ଭାରତୀର ସଭାନେତ୍ରୀ ନିରୁପମା ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୋଗାଭ୍ୟାସର ଉପାଦେୟତା ସମ୍ପର୍କରେ ମତ ରଖିଥିଲେ। ବିଦ୍ୟାଳୟର ସମ୍ପାଦକ ନାରାୟଣ ଚନ୍ଦ୍ର ପଣ୍ଡା, ଉପଦେଷ୍ଟା ନିରଞ୍ଜନ ମହାନ୍ତି, ସତ୍ୟାନନ୍ଦ ମଲ୍ଲିକ ଓ ସଙ୍କୁଳ ପ୍ରମୁଖ ସଂଗ୍ରାମୀ କେଶରୀ ପରିଡ଼ା ଯୋଗଦେଇଥିବାବେଳେ ପ୍ରଧାନଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୋଗାଭ୍ୟାସ କାର୍ଯ୍ୟକ୍ରମକୁ ଆଚାର୍ଯ୍ୟା ମିନାକ୍ଷୀ ଭୂୟାଁ, ରଶ୍ମିତା ମହାନ୍ତି ପରିଚାଳନା କରିଥିଲେ। ନିରୁପମା ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ।

## ଉଦ୍‌ଘାଟନର ମାସକ ପରେ ଧସିଲା ପିଚୁ ରାସ୍ତା


ରାସ୍ତା ଭୁଶୁଡ଼ି ପଡ଼ିଛି।

ଧର୍ମଶାଳା,୨୪।୬(ବଟକୃଷ୍ଣ ପରିଡ଼ା):

ପାଣିକୋଇଲି ପୂର୍ତ୍ତ ବିଭାଗ ପକ୍ଷରୁ ଧର୍ମଶାଳା-କବାଟବନ୍ଧ ରାସ୍ତାର ଇମାମନଗର ଗ୍ରାମ ନିକଟରେ ଗତ ମାସ ୧୮ତାରିଖରେ ଉଦ୍‌ଘାଟନ ହୋଇଥିବା କୁଆଁରିଆ ସେତୁ ସଂଯୋଗ ପିଚୁ ରାସ୍ତାଟି ବର୍ଷାରେ ଧସିପଡ଼ିଥିବା ଦେଖିବାକୁ ମିଳିଛି। ଏଠାରେ ଥିବା କୁଆଁରିଆ ନାଳରେ ପୂର୍ତ୍ତ ବିଭାଗ ପକ୍ଷରୁ ୩ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟରେ ପୋଲ ସହ ସଂଯୋଗୀକରଣ ରାସ୍ତା କରାଯାଇଥିଲା। ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ଏହାର ଉଦ୍‌ଘାଟନ କରିଥିଲେ। ତେବେ ଉଦ୍‌ଘାଟନର ମାତ୍ର ଏକ ସପ୍ତାହ ପରେ ପୋଲକୁ ସଂଯୋଗ କରୁଥିବା ରାସ୍ତାର ପିଚୁ ଫାଟି ଆଁ କରିଥିଲା। ସୋସିଆଲ ମିଡିଆରେ ଏହି ଘଟଣା ପ୍ରଚାରିତ ହେବା ପରେ ବିଭାଗ ପକ୍ଷରୁ ତରବରିଆ ଭାବେ କଂକ୍ରିଟ ଦିଆଯାଇ ଫାଟ ବନ୍ଦ କରାଯାଇଥିଲା। ଏବେ ମୌସୁମୀ ବର୍ଷା ଆରମ୍ଭ ହେବା ମାତ୍ରେ ସେହି ସଂଯୋଗୀକରଣ ରାସ୍ତା ଧସିପଡ଼ିଛି। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମୁନାଫାଖୋର ନୀତି ଯୋଗୁ ଠିକ ଭାବେ କାମ ନ ହେବା ଫଳରେ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏହି ରାସ୍ତାରେ ଦୈନିକ ଆଖପାଖ ୧୫ଟି ପଞ୍ଚାୟତର ଲୋକେ ୪ ଚକିଆ ଓ ୨ ଚକିଆ ଯାନରେ ଯାତାୟାତ କରିଥାନ୍ତି। ଏବେ ରାସ୍ତା ଧସିପଡ଼ିଥିବାରୁ ଏଥିରେ ଯାତାୟାତ କରିବାକୁ ଲୋକେ ଭୟ କରୁଛନ୍ତି। ଉଦ୍‌ଘାଟନର ୧ ମାସ ପରେ ରାସ୍ତାର ଅବସ୍ଥା ଏପରି ହୋଇପଡ଼ିଥିବାରୁ ସମ୍ପୃକ୍ତ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରେ ଧସିଥିବା ରାସ୍ତା ତଳେ ଏକ ଟୋୱାଲ ଅଛି। ତେଣୁ ଧସିଥିବା ସ୍ଥାନକୁ ପୁନଶ୍ଚ ମରାମତି କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଯୌତୁକ ପାଇଁ ବଧୂ ହତ୍ୟା ଅଭିଯୋଗ

ଯାଜପୁର ସଦର,୨୪।୬
(ସମର ବିଜୟ ଶରଣ):



ଯାଜପୁର ଟାଉନ୍ ଥାନା ଅଧୀନ ଆଙ୍କୁଲା ଗ୍ରାମରେ ବଧୂହତ୍ୟା ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ବିଞ୍ଝାରପୁର ଥାନା ଅନ୍ତର୍ଗତ ସଇଦପୁର ଅଞ୍ଚଳର ମୁକୁନ୍ଦ ଜେନାଙ୍କ ଝିଅ ରିଙ୍କି ଆଙ୍କୁଲା ଗ୍ରାମର ବଜେନ୍ଦ୍ର ଜେନାଙ୍କ ପୁଅ ଗଣେଶଙ୍କୁ ୨ ବର୍ଷ ପୂର୍ବେ ବିବାହ କରିଥିଲେ। ବିବାହ ସମୟରେ ମୁକୁନ୍ଦ ଝିଅକୁ ନିଜର କ୍ଷମତା ମୁତାବକ ଜାନିଯୌତୁକ, ଆସବାବପତ୍ର ଓ ସୁନାରୂପା ଦେଇଥିଲେ। ଉଭୟଙ୍କ ଦାମ୍ପତ୍ୟ ଜୀବନ ବେସ୍ ହସଖୁସିରେ କିଛିଦିନ କଟିଥିଲା। ରିଙ୍କି ଏକ ପୁତ୍ର ସନ୍ତାନ ମଧ୍ୟ ଲାଭ କରିଥିଲେ। ଏହା ପରେ ଅଧିକ ଯୌତୁକ ଆଣିବା ପାଇଁ ଶାଶୁଘର ପକ୍ଷରୁ ରିଙ୍କିଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ଏନେଇ ରିଙ୍କିଙ୍କ ବାପଘର ପକ୍ଷରୁ ଗଣେଶଙ୍କୁ ଅନେକଥର ବୁଝାଶୁଝା କରାଯାଉଥିଲା। କିନ୍ତୁ ଶୁକ୍ରବାର ଅପରାହ୍ନରେ ରିଙ୍କି ବିଷ ପିଇଥିବା ଶାଶୁ ଘର ପକ୍ଷରୁ ତାଙ୍କ ବାପଘର ଲୋକଙ୍କୁ ସୂଚନା ଦିଆଯାଇଥିଲା। ବାପଘର ଲୋକ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ତାଙ୍କ ଝିଅକୁ ମୃତ ଅବସ୍ଥାରେ ଦେଖିଥିଲେ। ତେଣୁ ରିଙ୍କିଙ୍କୁ ଶାଶୁ ଘର ଲୋକେ ଅଧିକ ଯୌତୁକ ପାଇଁ ବିଷଦେଇ ହତ୍ୟା କରିଥିବା ସେମାନେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏଥିସହିତ ନଂ.୨୧୪/୨୩ରେ ଏକ ମାମଲା ରୁଜୁ କରିଥିଲା।

## ଅନାଦି ଚରଣ ଦାସଙ୍କ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା

ଯାଜପୁର ସଦର,୨୪।୬
(ସମର ବିଜୟ ଶରଣ):

ଯାଜପୁର ଜିଲାର ବରପୁତ୍ର ଅନାଦି ଚରଣ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପୂଜ୍ୟପୂଜା ପ୍ରତିଭା ପରିଷଦର ରାଜ୍ୟ ସଭାପତି ପଦ୍ମାକର ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପରିଷଦର ଉପଦେଷ୍ଟା ସନ୍ତୋଷ ନନ୍ଦ ମଞ୍ଚ ପରିଚାଳନା କରିଥିଲେ। ଅତିଥିଭାବେ ଯାଜପୁର ଡିଏସ୍‌ପି ସରୋଜ ଉପାଧ୍ୟାୟ, ପୂର୍ବତନ ଏମ୍‌ପି ଅଞ୍ଚଳ ଦାଶ, ବରିଷ୍ଠ କଂଗ୍ରେସ ନେତା ଶିଶିର ନାୟକ, ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ସଂଗ୍ରାମ କେଶରୀ ପାତ୍ର, ସାମାଜିକ କର୍ମୀ ବଳଭଦ୍ର ଦାଶ, ଦାସଙ୍କ ପୁତ୍ର ହେମନ୍ତ ଦାସ ଓ ସିପିଆଇ ନେତା ଗଣେଶ ସାହୁ ପ୍ରମୁଖ ଯୋଗଦେଇ ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ସୌମ୍ୟଶ୍ରୀ ପଣ୍ଡାଙ୍କ ଦ୍ୱାରା ଗୀତା ପାଠ କରାଯାଇଥିଲା। ଅତିଥିମାନେ ଦାସଙ୍କ ମୃତ୍ୟୁରେ ଜିଲା ଏକ ବରପୁତ୍ରକୁ ହରାଇବା ସହିତ ଜିଲା ରାଜନୀତିରେ ଏକ ଅପୂରଣୀୟ କ୍ଷତିହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ କୁମାର ସାହୁ, ଦୁର୍ଯୋଧନ ବେହେରା, ଭାସ୍କର ମହାନ୍ତି, ଗଦାଧର ଦାସ, ରଞ୍ଜିତ୍ ପ୍ରଧାନ, ବିଜୟ ବୋଇତାଇ, ବସନ୍ତ କୁମାର ଦାସ, ମନୋଜ କୁମାର ନାୟକ, ଅକ୍ଷୟ ଶତପଥୀ, ବିଜୟ କୁମାର ମହାପାତ୍ର, ସଂଗ୍ରାମ ସାହାଣୀ, ସଂଗ୍ରାମ ଜେନା ଓ ବୃନ୍ଦାବନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।


ଅନାଦି ଚରଣ ଦାସଙ୍କ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ଅତିଥି।

## 'ଯୋଗ ଦ୍ୱାରା ଶାରୀରିକ, ମାନସିକ ବିକାଶ ହୋଇଥାଏ'

ବାଲିଚନ୍ଦ୍ରପୁର,୨୪।୬(ଗିରିଜା ପ୍ରସାଦ ସାହୁ)

ଉତ୍ତରପ୍ରତାପ ପଞ୍ଚାୟତର ନରସିଂହପୁର ଗ୍ରାମସ୍ଥିତ ଶ୍ରୀଦଧିବାବନଜୀଉ ସଂସ୍କୃତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଯୋଗ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଯୋଗ ଦ୍ୱାରା ଶାରୀରିକ ଓ ମାନସିକ ବିକାଶ ହେବା ହୋଇଥାଏ ବୋଲି କହିଥିଲେ। ଅଧିକାରୀ ସୁଜାତା ଦାସ ଯୋଗଦେଇ ଯୋଗ କରିବା ଦ୍ୱାରା କିଭଳି ସୁଫଳ ମିଳିଥାଏ ତା'ଉପରେ ଆଲୋକପାତ କରିଥିଲେ। ପ୍ରଶିକ୍ଷକ ଅନନ୍ତ ମଲ୍ଲିକ ଯୋଗ ପ୍ରଶିକ୍ଷଣ ଦେଇଥିଲେ। ଅଧାପକ ଗିରିଧାରି ପଣ୍ଡା, ସୁରେଶ ଲେଙ୍କା, ଗୌରୀଶଙ୍କର ମିଶ୍ର, ଅଧାପିକା ପ୍ରମିଳା ଦାସ, ମନ୍ଦାକିନୀ ରାଉତ ଓ କର୍ମଚାରୀ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ।

## ମାଉସୀ ମା' ମନ୍ଦିରରେ ଭାଗବତ, ଗୀତା ପାରାୟଣ

ଧର୍ମଶାଳା,୨୪।୬(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଅଧୀନ ଭାଲୁଖାଇ ଜଗନ୍ନାଥ ମନ୍ଦିର କମିଟି ଓ ମୁନସୀ ମେଳଣ କମିଟି ମିଳିତ ଆନୁକୂଲ୍ୟରେ ରଥ ଟଣାଯାଇ ଧର୍ମଶାଳାସ୍ଥିତ ମାଉସୀ ମା' ମନ୍ଦିରରେ ପହଞ୍ଚିଛି। ମାଉସୀ ମା' ମନ୍ଦିରରେ ତିନି ଠାକୁର ୯ ଦିନ ରହିବା ଅବସରରେ ସେଠାରେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାକୁ ସ୍ଥିର କରାଯାଇଛି। ଏହିକ୍ରମରେ ଶନିବାର ବାରବାଟୀ, ସିଂହାପୁର, ଓଡ଼ିଶୋ ଓ କମାଗଡ଼ ଭାଗବତ ଗୀତା ପାରାୟଣ ସତ୍‌ସଙ୍ଗ ମଣ୍ଡଳି ତରଫରୁ ଭାଗବତ, ଗୀତା ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡାଙ୍କ ପୌରୋହିତ୍ୱରେ ଗୁରୁବନ୍ଦନା, ଧ୍ୟାନ, ଶ୍ଳୋକ ପାଠ ପରେ ସମୂହ ଗୀତା ପାରାୟଣ ଅବୃତ କରାଯାଇଥିଲା। କମିଟି ସମ୍ପାଦକ ଜଳଧର ମହାନ୍ତି ପ୍ରାଧ୍ୟାପକ ପଣ୍ଡାଙ୍କୁ ପୁଷ୍ପମାଲ୍ୟ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ଅମୂଲ୍ୟ ସାହୁଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଶିବନାରାୟଣ ଦେବତା, ବିଚିତ୍ରାନନ୍ଦ ରାଉତ ପାରାୟଣରେ ସହଯୋଗ କରିଥିଲେ। ଅରୂପ ମିଶ୍ର, ଦୟାନିଧି ନାୟକ, ପ୍ରସନ୍ନ କୁମାର ପୃଷ୍ଟି, ପ୍ରଫୁଲ୍ଲ କୁମାର ପୃଷ୍ଟି, ସୁଚିତ୍ରା ସ୍ୱାଇଁ ଓ ସ୍ୱରସ୍ୱତୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କମିଟି ସଦସ୍ୟ ଅଶୋକ କୁମାର ସାହୁ ସଂଯୋଜନା କରିଥିଲେ। ପରେ ଜରକା ସ୍କାଇଲ ଏକାଡେମୀ ପକ୍ଷରୁ ନୃତ୍ୟ ପରିବେଷଣ କରାଯଇଥିଲା। ରବିବାର ସନ୍ଧ୍ୟାରେ ମାନସୀ ପାତ୍ର ଓ ସାଥୀ କଳାକାରଙ୍କ ଦ୍ୱାରା ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ ବୋଲି କମିଟି ସଭାପତି ତଥା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଓ ସହ ସମ୍ପାଦକ ପ୍ରମୋଦ ଦାସ ସୂଚନା ଦେଇଛନ୍ତି।


ଭାଗବତ ଗୀତା, ପାରାୟଣ ଆବୃତ୍ତି କରାଯାଉଛି।

# ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକୁ ଅଣଦେଖା

ଯାଜପୁର,୨୪।୬(ହର୍ଷବର୍ଦ୍ଧନ ବେହେରା)

- ମିଳୁନି ଆର୍ଥିକ ସହାୟତା
- ପରିଷଦର ବୈଠକ ବସୁନି, ନୂତନ କମିଟି ଗଠନ ହେଉନି

ସଂସ୍କୃତିକୁ ବଞ୍ଚାଇବାକୁ ଯାଇ ଯାଜପୁର ଜିଲାର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି। ହେଲେ ଜିଲା ସଂସ୍କୃତି ବିଭାଗର ମନମୁଖି କାର୍ଯ୍ୟ ପାଇଁ ଏହି ଅନୁଷ୍ଠାନଗୁଡିକ ବୁଡ଼ିବାକୁ ବସିଛି। ଆବଶ୍ୟକ ପ୍ରୋତ୍ସାହନ ଏବଂ ଆର୍ଥିକ ସହାୟତା ଦାବି କରାଯାଉଥିଲେ ହେଁ ସଂସ୍କୃତି ବିଭାଗ ନୀରବଦ୍ରଷ୍ଟା ସାଜିଛି ବୋଲି ଅନୁଷ୍ଠାନର କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ବିକାଶ ସହିତ ସଂସ୍କୃତି ତାଳ ଦେଇ ଚାଲିବାକୁ ରାଜ୍ୟ ସରକାର ଜିଲାସ୍ତରରେ ସଂସ୍କୃତି ବିଭାଗ ଖୋଲିଛନ୍ତି। ଏହି ସଂସ୍କୃତି ବିଭାଗର ଏକ ପରିଷଦ ରହିଛି। ପରିଷଦ ନିଷ୍ପତ୍ତି ଅନୁସାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସାଂସ୍କୃତିକ ସଂଗଠନଗୁଡ଼ିକୁ ପ୍ରୋତ୍ସାହନ ଯୋଗାଇବା ଲକ୍ଷ୍ୟରେ ସରକାର ବାର୍ଷିକ ଅନୁଦାନ ଦେଉଛନ୍ତି। ଏହି ଅନୁଦାନ କିପରି ଖର୍ଚ୍ଚ କରାଗଲା ତା'ର ବାର୍ଷିକ ରିପୋର୍ଟ ପରିଷଦରେ ଲିଖିତ ଭାବେ ପ୍ରକାଶ କରାଯାଇଥାଏ। ଯାଜପୁର ଜିଲାରେ ୨୫ ବର୍ଷ ହେଲା ସଂସ୍କୃତି ପରିଷଦ ଗଠନ ହୋଇଛି। ପରିଷଦର ନିଷ୍ପତ୍ତି ଅନୁସାରେ ଏହି ବିଭାଗଟି ୨୦୧୮ ପର୍ଯ୍ୟନ୍ତ ସୁରୁଖୁରୁରେ ଚାଲିଥିଲା। ୫ ବର୍ଷ ହେଲା ଏହି ବିଭାଗରେ ନିୟମିତ ଅଧିକାରୀଙ୍କ ନିଯୁକ୍ତି ନାହିଁ। ଯିଏ ଆସୁଛନ୍ତି ମାସେରୁ ୬ ମାସ ମଧ୍ୟରେ ପଳାଇ ଯାଉଛନ୍ତି। ଅଧିକାଂଶ ସମୟରେ ଜିଲା ସୂଚନା ଅଧିକାରୀ ଏହାରି ଦାୟିତ୍ୱରେ ରହୁଛନ୍ତି। ଜିଲାରେ ଥିବା ଗୋକର୍ଣ୍ଣିକା ସାହିତ୍ୟ ସଂସଦ, ଅଖିଳଚକ୍ର ଓଡ଼ିଶା, କୋରେଇ ସାହିତ୍ୟ ସଂସଦ ଏବଂ ଅନନ୍ୟା ସାହିତ୍ୟ ସଂସଦ ଭଳି ଆଉ କେତୋଟି ସଂସ୍ଥା ବର୍ଷ ସାରା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ କରିଥାନ୍ତି। ଓଡ଼ିଶାର ବରପୁତ୍ରମାନଙ୍କ ଜୟନ୍ତୀ ପାଳନ, ପ୍ରତିମୂର୍ତ୍ତି ପ୍ରତିଷ୍ଠା, ପାଠାଗାର ଉନ୍ମୋଚନ, ରାଜ୍ୟସ୍ତରୀୟ ମକରମିଳନ ଦିଗରେ ଜିଲାର ସାଂସ୍କୃତିକ ଅନୁଷ୍ଠାନଗୁଡିକ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଏହି ସଂଗଠନଗୁଡ଼ିକୁ ବର୍ଷକୁ ୧ ଲକ୍ଷ ଟଙ୍କା ବିଭାଗ ପକ୍ଷରୁ ଅନୁଦାନ ଯୋଗାଇଦେବା ପାଇଁ ଦାବି କରାଯାଇଥିଲେ ହେଁ ଜିଲା ସଂସ୍କୃତି ବିଭାଗ ଏଡ଼ାଇ ଚାଲିଛି ବୋଲି ଗୋକର୍ଣ୍ଣିକା ସାହିତ୍ୟ ସଂସଦର ସଭାପତି ରମାକାନ୍ତ ଜେନା ଓ ଅଖିଳଚକ୍ର ଓଡ଼ିଶାର ସମ୍ପାଦକ ହରେକୃଷ୍ଣ ପଣ୍ଡା ଅଭିଯୋଗରେ ଦର୍ଶାଇଛନ୍ତି। ପୂର୍ବରୁ ବରପୁତ୍ରଙ୍କ ଜୟନ୍ତୀ ପାଳନ ଏବଂ ପ୍ରତ୍ୟେକ କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ଅନୁଷ୍ଠାନକୁ ସଂସ୍କୃତି ବିଭାଗ ପକ୍ଷରୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହାସହ ୯ଟି ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନକୁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ପାଇଁ ୧୦ ହଜାର ଟଙ୍କା ଲେଖାଏ ୫ ବର୍ଷ ଧରି ଦିଆଯାଇଛି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ମନମୁଖି ନିଷ୍ପତ୍ତି ଯୋଗୁ ହଠାତ୍ ପରିଷଦର ଅଗୋଚରରେ ୨ ବର୍ଷ ହେଲା ଅନୁଦାନକୁ ବନ୍ଦ କରି ଦିଆଯାଇଛି। ଆବେଦନ ଫାଇଲକୁ ଜିଲାପାଳ ତଥା ସଂସ୍କୃତି ପରିଷଦର ସଭାପତିଙ୍କ ପାଖକୁ ସମ୍ପୃକ୍ତ ଅଧିକାରୀମାନେ ପଠାଉନାହାନ୍ତି ବୋଲି ଏମାନେ ଅଭିଯୋଗ କରିଛନ୍ତି। ରାଜ୍ୟ ରାଜକୋଷରୁ ଆସୁଥିବା ଅନୁଦାନକୁ ପରିଷଦରେ ଆଲୋଚନା କରା ନ ଯାଇ ବ୍ୟୟ କରାଯାଉଥିବା ଅଭିଯୋଗ ହେଉଛି। ପରିଷଦର କାର୍ଯ୍ୟକାଳ ପୂରିଯାଇଥିଲେ ହେଁ, ଆଉ ବୈଠକ ଡକାଯାଉନାହିଁ କି ନୂତନ କମିଟି ଗଠନ କରାଯାଉ ନାହିଁ। ଚଳିତ ବର୍ଷ ଯାଜପୁର ଜିଲା ମହୋତ୍ସବ ବଦଳରେ ଯାଜପୁର (ବ୍ଲକ ସ୍ତରୀୟ) ମହୋତ୍ସବ ସଂସ୍କୃତି ବିଭାଗ ଅର୍ଥରେ କରାଯାଇଥିଲେ ହେଁ ପ୍ରତି ବ୍ଲକରେ ଏହିଭଳି ଉତ୍ସବ ପାଇଁ ସମାନୁପାତିକ ଅର୍ଥ ଯୋଗାଇ ଦିଆଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ମୋ ସରକାର ଚାଲିଥିବାବେଳେ ସଂସ୍କୃତି ବିଭାଗର ମନମୁଖି କାର୍ଯ୍ୟ ପ୍ରତି ଜିଲାପାଳ ଦୃଷ୍ଟିଦେବାକୁ ଦାବି କରାଯାଇଛି।

**ଏନ୍ଏସି ପକ୍ଷରୁ ବଡ଼ଖାନା କାର୍ଯ୍ୟକ୍ରମ**

ଦଶପଲ୍ଲା,୨୪।୬(ପ୍ରକାଶ କୁମାର ପାଣି): ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବଡ଼ଖାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍ଏସି ଅଧକ୍ଷା ପୁନମ ପ୍ରିୟଦର୍ଶିନୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ରମେଶ ଚନ୍ଦ୍ର ବେହେରା, ତହସିଲଦାର ଶ୍ରୀକୁମାର ରଥ, ଉପାଧକ୍ଷ କିଶୋର ଚନ୍ଦ୍ର ଦାଶ, ନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ରଙ୍କ ସମେତ କାଉନସିଲର୍ ଏବଂ ପରିମଳ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ। ପରିମଳ କର୍ମଚାରୀଙ୍କ ପ୍ରତି ସମାଜରେ ଉତ୍ତମ ମନୋଭାବ ସୃଷ୍ଟି କରିବା ତଥା ସେମାନଙ୍କୁ ସଚେତନ ଓ ଉତ୍ସାହିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।

## ସଂକ୍ଷେପରେ

### ଗୋଟିଏ ଦିନରେ ଦୁଇ ଅପମୃତ୍ୟୁ ମାମଲା ରୁଜୁ

ଭାପୁର,୨୪।୬(ଭରତ କୁମାର ବେହେରା): ଫତେଗଡ ଥାନା ଅନ୍ତର୍ଗତ ଭାପୁର ବ୍ଲକରେ ଗୋଟିଏ ଦିନରେ ୨ ଯୁବକ ଆତ୍ମହତ୍ୟା କରିଥିବା ନେଇ ଫତେଗଡ ପୋଲିସ ୨ ଅପମୃତ୍ୟୁ ମାମଲା ରୁଜୁ କରିଛି। ଭାପୁର ବ୍ଲକ ଅନ୍ତର୍ଗତ ଚକ୍ରଧରପ୍ରସାଦ ଗ୍ରାମର ସୁରେଶ ବରାଳ(୨୬)ଙ୍କୁ ଶୁକ୍ରବାର ଅପରାହ୍ନରେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାର ଡାକ୍ତରଙ୍କ କଥାକୁ ବିଶ୍ୱାସ ନ ଯାଇ ଖୋର୍ଦ୍ଧା ମେଡିକାଲକୁ ନେବେ କହି ତାକୁ ଗ୍ରାମକୁ ନେଇ ଯାଇଥିଲେ। ଡାକ୍ତର ଏ ସଂକ୍ରାନ୍ତରେ ଫତେଗଡ ଥାନା ପୋଲିସକୁ ଖବର ଦେଇଥିଲେ। ଫତେଗଡ଼ ଥାନା ପୋଲିସ ଚକ୍ରଧରପ୍ରସାଦରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା(ନଂ.୧୪/୨୩) ରୁଜୁ ହୋଇଛି। ମୃତ୍ୟୁର କାରଣ ଜଣାପଡିନାହିଁ। ସେହିପରି ଗୋଲାପୋଖରୀ ପଞ୍ଚାୟତ ଅନ୍ତର୍ଗତ ଜଗଦୀଶ ପ୍ରସାଦ ଗ୍ରାମର ଭ୍ରମରବର ବାରିକ (୪୦) ପାରିବାରିକ କଳହରୁ ଶୁକ୍ରବାର ରାତିରେ ଘରେ ଦଉଡ଼ି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଭ୍ରମରବର ଗୋଲାପୋଖରୀ ବଜାରରେ ଏକ ସେଲୁନ କରି ନିଜ ପରିବାରର ଗୁଜୁରାଣ ମେଣ୍ଟାଉ ଥିଲେ। ଘରେ ଧାରକରଜ ତଥା ଆର୍ଥିକ ଅନଟନ ହେତୁ ସ୍ୱାମୀ ସ୍ତ୍ରୀ ମଧ୍ୟରେ କଳହ ହୋଇଥିଲା। ସେଥିପାଇଁ ସେ ମାନସିକ ଭାରସାମ୍ୟ ହରାଇ ଏପରି ପଦକ୍ଷେପ ନେଇଥିବା ସୂଚନା ମିଳିଛି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୩) ରୁଜୁ କରି ତଦନ୍ତ ଚଳାଇଛି।

### କୃଷକ ନେତା ଜଗନ୍ନାଥ ପଣ୍ଡାଙ୍କ ପରଲୋକ



ନୟାଗଡ଼,୨୪।୬(ଲୋକନାଥ ମିଶ୍ର): କୃଷକ ନେତା ଜଗନ୍ନାଥ ପଣ୍ଡା(୬୯)ଙ୍କ ଶନିବାର ମଧ୍ୟାହ୍ନରେ ପରଲୋକ ହୋଇଛି। ନୟାଗଡ଼ ସଦର ବ୍ଲକ ଗଦାଧରପ୍ରସାଦ ପଞ୍ଚାୟତ ହରିପୁର ଗାଁର ଗଦାଧର ରାଜନୀତିରେ ସକ୍ରୀୟ ଅଂଶ ଗ୍ରହଣ କରି ବିଜେଡିର ଜଣେ ଆଗଧାଡିର ନେତା ଭାବେ ନିଜର ପରିଚୟ ସୃଷ୍ଟି କରି ପାରିଥିଲେ। ସେ ନୟାଗଡ଼ ଜିଲା ବିଜୁ କୃଷକ ଜନତା ଦଳର ଜିଲା ସଭାପତି ରହି ନିଜକୁ କୃଷକ ନେତା ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେ କିଛି ଦିନ ହେଲା ଅସୁସ୍ଥ ହୋଇ ଶଯ୍ୟାଶାୟୀ ଥିଲେ। ଶନିବାର ଦେହ ଅସୁସ୍ଥ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ତେବେ ଡାକ୍ତର ମୃତ ଘୋଷଣା କରିଥିଲେ। ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଶୋକ ପ୍ରକାଶ କରିଛନ୍ତି। ଖବର ପାଇ ହରିପୁର ଗାଁକୁ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ନୟାଗଡ ବ୍ଲକ ଅଧକ୍ଷ କିଶୋର ସାହୁ, ନୟାଗଡ଼ ଏନଏସି ଅଧକ୍ଷା ନିରୁପମା ଖଟେଇ, ଜିଲା ପରିଷଦ ସଦସ୍ୟ ବିରଜା ଲକ୍ଷ୍ମୀ ସାହୁ, ଆଶିଷ ଅଗ୍ରୱାଲ, ସରୋଜ ରଣସିଂହ, ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ଉପସଭାପତି ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ମୃତଦେହ ସତ୍କାର କରାଯାଇଛି। ବଡପୁଅ ଦୁର୍ଗା ମାଧବ ପଣ୍ଡା ମୁଖାଗ୍ନି ଦେଇଥିଲେ।

# ହାଇକୋର୍ଟଙ୍କ ରହିତାଦେଶ ଆଣିଲା ଆଶ୍ୱସ୍ତି

- ତ୍ରୁଟିପୂର୍ଣ୍ଣ ପଦୋନ୍ନତିକୁ ପ୍ରାଥମିକ ଶିକ୍ଷକ କରୁଛନ୍ତି ବିରୋଧ
- ନୟାଗଡ଼ରେ ରହିତାଦେଶକୁ ଅବମାନନା କରି ପଦୋନ୍ନତି ଅଭିଯୋଗ

ନୟାଗଡ଼,୨୪।୬(ଲୋକନାଥ ମିଶ୍ର)

୨୦୧୯ ସଂଶୋଧିତ ପଦୋନ୍ନତି ପ୍ରକ୍ରିୟାରେ ରାଜ୍ୟରେ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ୪ ଥର ହୋଇଛି। ତେବେ ଚତୁର୍ଥ ପର୍ଯ୍ୟାୟରେ ଚାଲିଥିବା ପଦୋନ୍ନତିରେ ସମାନତା ନ ରହିବାରୁ ପ୍ରତିବାଦ ଉଠିଛି। ଚତୁର୍ଥ ପର୍ଯ୍ୟାୟର ପଦୋନ୍ନତିକୁ ତ୍ରୁଟିପୂର୍ଣ୍ଣ ଚାଲେଞ୍ଜ କରି ପଦୋନ୍ନତିରୁ ବଞ୍ଚିତ ଶିକ୍ଷକମାନେ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ। ହାଇକୋର୍ଟ ରିଟ୍ ପିଟିଶନକୁ ଗ୍ରହଣ କରି ପ୍ରଥମେ ୩।୭।୨୦୨୩ ପର୍ଯ୍ୟନ୍ତ ରହିତାଦେଶ ଦେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ୨୨।୬।୨୦୨୩ ରିଖଠାରୁ ଅନିର୍ଦ୍ଦିଷ୍ଟକାଳ ଯାଏ ତ୍ରୁଟିପୂର୍ଣ୍ଣ ପଦୋନ୍ନତି ଉପରେ ସମ୍ପୂର୍ଣ୍ଣ ରହିତାଦେଶ ଦେଇଛନ୍ତି। ଏପରି ତ୍ରୁଟିପୂର୍ଣ୍ଣ ନିଯୁକ୍ତି ଉପରେ ହାଇକୋର୍ଟଙ୍କ ରହିତାଦେଶକୁ ପ୍ରାଥମିକ ଶିକ୍ଷକମାନେ ସ୍ୱାଗତ କରିଛନ୍ତି। ତେବେ ରାଜ୍ୟସାରା ଗୋଟିଏ ନିୟମରେ ପଦୋନ୍ନତି ୬।୫।୨୦୨୩ ଚିଠିକୁ ପ୍ରତ୍ୟାହାର ଓ ୨୦୧୧ ପୂର୍ବରୁ ନିଯୁକ୍ତି ପାଇ ପରେ ଉଚ୍ଚ ଶିକ୍ଷା ହାସଲ କରିଥିବା ଶିକ୍ଷକଙ୍କ କ୍ଷେତ୍ରରେ ଓଟିଇଟି ବାଧ୍ୟତାମୂଳକ ନିର୍ଦ୍ଦେଶକୁ ବାତିଲ କରିବା ସହିତ ପୂର୍ବ ତିନୋଟି ପଦୋନ୍ନତି ପରି ଏବେର ପଦୋନ୍ନତିକୁ କାର୍ଯ୍ୟକାରୀ କରିବା ପାଇଁ ଦାବି ଉଠିଛି। ପ୍ରାଥମିକ ଶିକ୍ଷକମାନଙ୍କର ଦାବିକୁ ପୂରଣ କରିବା ପାଇଁ ରାଜ୍ୟ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ପୂର୍ବତନ ସାଧାରଣ ସମ୍ପାଦକ ଶେଖ ଅବଦୁଲ ଖାଲିକ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏଭଳି ସ୍ଥଳେ ରହିତାଦେଶକୁ ଅବମାନନା କରି ନୟାଗଡ଼ ଜିଲାରେ ଗତ ୧୭।୬।୨୦୨୩ରେ ପଦୋନ୍ନତି ଦିଆଯାଇଛି ବୋଲି ଅଭିଯୋଗ ଉଠିଛି।

ସୂଚନାଯୋଗ୍ୟ, ପ୍ରାଥମିକ ଶିକ୍ଷକ ନିଯୁକ୍ତି ପାଇଁ ଆବଶ୍ୟକ ଯୋଗ୍ୟତା ସହିତ ଓଟିଇଟିପାସ କରିବା ୧୧।୨।୨୦୧୧ଠାରୁ ବାଧ୍ୟତା ମୂଳକ କରାଯାଇଛି। ୨୦୧୧ ପରଠାରୁ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ପଞ୍ଚମ ବର୍ଗ ଚାକିରି ଆରମ୍ଭ ଲେଭଲ - ପାଞ୍ଚ (କ) ହୋଇଥିବା ବେଳେ ପରବର୍ତ୍ତୀ ବର୍ଗକୁ ଲେଭଲ ପାଞ୍ଚ (ଖ) ଧରାଯାଇଛି। ଲେଭଲ ପାଞ୍ଚ (ଖ)ରେ ୨ ପ୍ରକାର ଶିକ୍ଷକ ପଦୋନ୍ନତି ପାଇବେ। ସ୍ନାତକ ସହିତ ବିଏଡ୍ ବା ସିଟି ଯୋଗ୍ୟତାଙ୍କ ପାଇଁ ଗୋଟିଏ ବର୍ଗ ହୋଇଥିବା ବେଳେ ମାଟ୍ରିକ ସିଟି ବା ଆଇଏ ସିଟିକୁ ଆଉ ଏକ ବର୍ଗରେ ସାମିଲ କରାଯାଇଛି। ପ୍ରଥମ ବର୍ଗକୁ ବିଷୟଭିତ୍ତିକ ଶିକ୍ଷକ ଓ ଅନ୍ୟ ବର୍ଗକୁ ସାଧାରଣ ଶିକ୍ଷକ ବା ବରିଷ୍ଠ ଶିକ୍ଷକ କୁହାଯାଉଛି। ଶିକ୍ଷକ ଲେଭଲ ପାଞ୍ଚ(ଖ)ରୁ ପୁଣି ପଦୋନ୍ନତି ପାଇ ପ୍ରଥମ ବର୍ଗର ଶିକ୍ଷକ ବିଏ ବିଏଡ୍ ବା ବିଏ ସିଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଲେଭଲ-ଚାରି ବିଷୟଭିତ୍ତିକ ଶିକ୍ଷକ ଭାବେ ନିଯୁକ୍ତି ପାଇବେ। ଅନ୍ୟ ବର୍ଗ ଯଥା ଆଇଏ ସିଟି ଓ ମାଟ୍ରିକ ସିଟି ଶିକ୍ଷକ ଲେଭଲ ଚାରି ହୋଇ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନିଯୁକ୍ତି ହେବେ। ଏହା ୨୦୧୯ ସଂଶୋଧିତ କ୍ୟାଡର ନିୟମ ଅନୁଯାୟୀ ଚାଲି ଆସୁଥିଲା। କିନ୍ତୁ ରାଜ୍ୟ ସରକାର ଚଳିତ ବର୍ଷର ପଦୋନ୍ନତି ପ୍ରକ୍ରିୟାକୁ ୩୧।୫।୨୦୨୩ ସୁଦ୍ଧା ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ଦେଲେ। ସେହି ଅନୁଯାୟୀ ସବୁ ଜିଲା ଶିକ୍ଷା କାର୍ଯ୍ୟାଳୟରେ କାମ ଆରମ୍ଭ ହୋଇ ଚୂଡ଼ାନ୍ତ ଅନୁମୋଦନ ପାଇଁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ପଦୋନ୍ନତି ତାଲିକା ପଠା ଯାଇଥିଲା। ହେଲେ ପଦୋନ୍ନତି ତାଲିକାକୁ ନିର୍ଦ୍ଦେଶାଳୟ ଅନୁମୋଦନ କରିବା ପରିବର୍ତ୍ତେ ପକାଇ ରଖି ୬।୫।୨୦୨୩ରେ ଆଉ ଏକ ନିର୍ଦ୍ଦେଶନାମା ପ୍ରକାଶ କଲେ। ଏଥିରେ କୁହାଗଲା ଯେ ଯେଉଁମାନେ ଚତୁର୍ଥ ବର୍ଗରୁ ତୃତୀୟ ବର୍ଗ ପ୍ରଧାନଶିକ୍ଷକକୁ ପଦୋନ୍ନତି ପାଇବେ ସେମାନେ ଯଦି ୨୦୧୧ ମସିହା ପରେ ସ୍ନାତକ ବା ବିଏଡ୍ ଯୋଗ୍ୟତା ହାସଲ କରିଛନ୍ତି ତେବେ ଓଟିଇଟି ୨ ପାସ କରିବା ବାଧ୍ୟତାମୂଳକ। ପୁଣି ପ୍ରଥମ ନିଯୁକ୍ତିକୁ ବରିଷ୍ଠତା ବଦଳାଯାଇ ଓଟିଇଟି ଉତ୍ତୀର୍ଣ୍ଣ ଦିନଠାରୁ ବରିଷ୍ଠତା ଗଣନା କରାଯାଇ ପଦୋନ୍ନତି ତାଲିକା ଚୂଡ଼ାନ୍ତ କରିବାକୁ ନିର୍ଦ୍ଦେଶ ଦେଲେ। ନୂଆ ନିୟମ ଅନୁଯାୟୀ ତାଲିକା ପ୍ରସ୍ତୁତ ବେଳେ ପାଖାପାଖି ୩୦ ପ୍ରତିଶତ ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତିରୁ ବାଦ ପଡିଛନ୍ତି। ପୁଣି ୨୦୧୧ ପୂର୍ବ ନିଯୁକ୍ତି ଶିକ୍ଷକଙ୍କ ପାଇଁ ଓଟିଇଟିପାସର ନିୟମ ନାହିଁ। ଏପରିସ୍ଥଳେ ପଦୋନ୍ନତି ବଞ୍ଚିତ ଶିକ୍ଷକମାନେ ଅଦାଲତର ଆଶ୍ରୟ ନେଇ ରହିତାଦେଶ ଆଣିଛନ୍ତି। ପୂର୍ବରୁ ଭଦ୍ରକ, ଢେଙ୍କାନାଳ ଓ କନ୍ଧମାଳ କେବଳ ପଦୋନ୍ନତି ଦେଇଥିବା ବେଳେ ରହିତାଦେଶ ପରେ ଅନ୍ୟ ଜିଲାରେ ପଦୋନ୍ନତି ହୋଇପାରିବ ନାହିଁ। ତେବେ ନୟାଗଡ଼ ଜିଲାରେ ପଦୋନ୍ନତି ସୁତାଖିଅରେ ଝୁଲିଲା ବୋଲି କୁହାଯାଉଛି।



ଦଶପଲ୍ଲାରେ ଶ୍ରୀଜୀଉଙ୍କ ନୃସିଂହ ବେଶ।



ନୟାଗଡ଼ରେ ଶ୍ରୀଜୀଉଙ୍କ ଲକ୍ଷ୍ମୀନାରାୟଣ ବେଶ।

# ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁନି ମୌଳିକ ସ୍ୱାସ୍ଥ୍ୟସେବା

ଭାପୁର,୨୪।୬(ଭରତ କୁମାର ବେହେରା)




ନୟାଗଡ଼ ଜିଲାର ପ୍ରଥମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଥିବା ଭାପୁର ଡାକ୍ତରଖାନାରେ ମୌଳିକ ସ୍ୱାସ୍ଥ୍ୟସେବା ମିଳୁନି। ଏହି ଡାକ୍ତରଖାନା ଉପରେ ଭାପୁର ବ୍ଲକର ୨୦ପଞ୍ଚାୟତର ଲକ୍ଷାଧିକ ଲୋକ ନିର୍ଭର କରନ୍ତି। ତେବେ ଅତୀତରେ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଏହି ଡାକ୍ତରଖାନା ସୁନାମ ଅର୍ଜନ କରିଥିଲା। ହେଲେ ଏବେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୌଳିକ ସେବା ମିଳୁ ନ ଥିବା ନେଇ ଜନପ୍ରତିନିଧି ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭିନ୍ନ ସମୟରେ ଆସୁଥିବା ରୋଗୀ, ସମ୍ପର୍କୀୟ ତଥା ରାଜନେତାଙ୍କୁ ଠିକ ଢଙ୍ଗରେ ବ୍ୟବହାର ପ୍ରଦର୍ଶନ କରା ନ ଯାଇ ଦୁର୍ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି। ଯେକୌଣସି ସାଧାରଣ ରୋଗୀ ଆସିଲେ ତାଙ୍କୁ ଯେଉଁ ସୁବିଧା ସୁଯୋଗ ମିଳିବା କଥା ତାଙ୍କୁ ସେଠାରେ ନ ଦେଇ ଅନ୍ୟ ମେଡିକାଲକୁ ରେଫର କରାଯାଉଛି। ନୟାଗଡ଼, ଖୋର୍ଦ୍ଧା, ଭୁବନେଶ୍ୱର ରେଫର ଫଳରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଖର୍ଚ୍ଚାନ୍ତ ହେବା ସହ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହୋଇ ହନ୍ତସନ୍ତ ହେଉଛନ୍ତି। ଅଧିକାଂଶ ରୋଗୀଙ୍କୁ ମେଡିକାଲର ଫାର୍ମାସିଷ୍ଟ ଦେଖି ଔଷଧ ଲେଖୁଥିବା ନେଇ ମଧ ଅଭିଯୋଗ ହୋଇଛି। ଏନେଇ ରୋଗୀ କଲ୍ୟାଣ ସମିତି ବୈଠକରେ ବିଧାୟକଙ୍କ ପ୍ରତିନିଧି ତଥା ଭାପୁର ବ୍ଲକ ବିଜୁ ଜନତା ଦଳର ସଭାପତି ଜିତେନ୍ଦ୍ର କୁମାର ରଣସିଂହ ଅଭିଯୋଗ କରିଥିଲେ। ସେହିପରି ଭାପୁର ବ୍ଲକରେ ପ୍ରାକୃତିକ ବିପର୍ଯ୍ୟୟ ବୈଠକ ଓ ପଞ୍ଚାୟତ ସମିତି ବୈଠକରେ ରାକମା ସମିତି ସଭ୍ୟ ବାଳ ଗୋପାଳ ଷଡ଼ଙ୍ଗୀ ସେପରି ଅଭିଯୋଗ କରିଥିଲେ। ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡାକ୍ତର ବିଶ୍ୱନାଥ ସାହୁ ଏହା ଉପରେ ଦୃଷ୍ଟି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଗକୁ ବର୍ଷାଦିନ ଆସୁଥିବାରୁ ମେଡିକାଲରେ ସାପ କାମୁଡ଼ା, କୁକୁର କାମୁଡ଼ା ବିଭିନ୍ନ ଔଷଧ ଗଚ୍ଛିତ ରଖିବାକୁ ଜନପ୍ରତିନିଧିମାନେ କହିଥିଲେ। ଏହି ସମସ୍ୟାର ଯଦି ସମାଧାନ ନ ହୁଏ ତେବେ ଆନ୍ଦୋଳନପନ୍ଥା ଗ୍ରହଣ କରାଯିବ ବୋଲି ଜନପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି।

## ୩ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଇଲେ ଏମ୍‌ବିବିଏସ୍ ଡାକ୍ତର

ନୂଆଗାଁ, ୨୪।୬ (ଧନେଶ୍ୱର ସାହୁ): ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ବର୍ଷ ହେଲା ଡାକ୍ତର ନାହାନ୍ତି। ତେଣୁ ସ୍ଥାୟୀ ଡାକ୍ତର ନିଯୁକ୍ତି ନେଇ ନୂଆଗାଁ କୃଷକ ବିକାଶ ମଞ୍ଚ ଓ ଅଞ୍ଚଳବାସୀ ଦାବି କରି ଆସୁଥିଲେ। ତେଣୁ ନୂଆଗାଁ ସ୍ୱାସ୍ଥ୍ୟ କେନ୍ଦ୍ର ସହ ଅନ୍ୟ ୨ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଦିଆଯାଇଛି। ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ନୂଆଗାଁ, ବାହାଡାଖୋଲା, ଡିମିରିପଲି ଓ ଜଗନ୍ନାଥପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଏମ୍‌ବିବିଏସ୍ ଡାକ୍ତର, ଜଣେ ଆୟୁଷ ଡାକ୍ତର, ଜଣେ ଫାର୍ମାସିଷ୍ଟ, ଜଣେ ଏଏନଏମ୍, ଦୁଇ ଜଣ ଆଟେଣ୍ଡାଣ୍ଟ, ଜଣେ ଲାବୋରିଟୋରି ଆସିଷ୍ଟାଣ୍ଟ,୨ ଜଣ ଝାଡୁଦାର ରହିବାର ବ୍ୟବସ୍ଥା ରହିଛି। କେବଳ ଡିମିରିପଲି ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ଏମ୍‌ବିବିଏସ୍ ଡାକ୍ତର ଥିବାବେଳେ ଅନ୍ୟ କୌଣସି ଡାକ୍ତରଖାନାରେ ନ ଥିଲେ। କୋରଡା, ସୋରଡା, ସିକ୍ରିଡା, ଉଦୟପୁର, ନୂଆଗାଁ, ମାଇଛେଳି ଆଦି ପଞ୍ଚାୟତର ହଜାରରୁ ଊର୍ଦ୍ଧ୍ୱ ଲୋକ ନୂଆଗାଁ ଡାକ୍ତରଖାନା ଉପରେ ନିର୍ଭର କରୁଥିଲେ ମଧ୍ୟ ଦୀର୍ଘ ବର୍ଷ ହେଲା ଏମ୍‌ବିବିଏସ୍ ଡାକ୍ତର ରହୁନାହାନ୍ତି। ଡାକ୍ତର ନିଯୁକ୍ତି ଦିଆଯାଉଥିଲେ ମଧ୍ୟ ନେତାମାନଙ୍କ ବାହୁଛାୟା ତଳେ ରହି ଡାକ୍ତରଖାନାକୁ ଅଣଦେଖା କରିବା ସହ ଡାକ୍ତରଖାନାକୁ ଆସୁ ନ ଥିଲେ। ସ୍ଥାୟୀ ଡାକ୍ତର ନିଯୁକ୍ତି ନେଇ ନୂଆଗାଁ ବ୍ଲକ କୃଷକ ବିକାଶ ମଞ୍ଚର ଆବାହକ ତଥା ନୂଆଗାଁ ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ସ୍ୱାଇଁଙ୍କ ସମେତ ନୂଆଗାଁ ପୂର୍ବତନ ସମିତି ସଭ୍ୟ ରମେଶ ଚନ୍ଦ୍ର ପ୍ରଧାନ, ପୂର୍ବତନ ସମିତି ସଭ୍ୟ ଗୋପବନ୍ଧୁ ଖଣ୍ଡୁଆଳ, ଆଇନଜୀବୀ ସୁଶାନ୍ତ କୁମାର ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଜଳଧର ସାହୁ ପ୍ରମୁଖ ବାରମ୍ବାର ଦାବି କରି ଆସୁଥିଲେ। ତେବେ ନୂଆଗାଁ, ବାହାଡାଖୋଲା ଓ ଜଗନ୍ନାଥପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଏମ୍‌ବିବିଏସ୍ ଡାକ୍ତର ନିଯୁକ୍ତି ପାଇଛନ୍ତି।

# ଆଦର୍ଶ ବିଦ୍ୟାଳୟ ବାଳକ ହଷ୍ଟେଲ ପାଇଁ ଶିଳାନ୍ୟାସ

ନୂଆଗାଁ, ୨୪।୬(ଧନେଶ୍ୱର ସାହୁ)



ହଷ୍ଟେଲ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁଠାରେ ଶନିବାର ନୂଆଗାଁ ଆଦର୍ଶ ବିଦ୍ୟାଳୟ ବାଳକମାନଙ୍କ ରହିବା ନିମନ୍ତେ ହଷ୍ଟେଲର ଶିଳାନ୍ୟାସ କରାଯାଇଛି। ଏଥିସହିତ ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ଉତ୍ସବ ପାଳିତ ହୋଇ ଯାଇଛି। ରାଜ୍ୟ ସରକାର ଓଡ଼ିଶାର ୩୧୪ ବ୍ଲକରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିବାର ନିଷ୍ପତ୍ତି ନେଇଛନ୍ତି। ଇତିମଧ୍ୟରେ ପ୍ରାୟ ସମସ୍ତ ବ୍ଲକରେ ଆଦର୍ଶ ସ୍କୁଲ କାର୍ଯ୍ୟକ୍ଷମ ହୋଇସାରିଲାଣି। ହେଲେ ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ନାନା ବାଦ ବିବାଦ ଲାଗି ରହିଥିବାରୁ ଅଦ୍ୟାବଧି ସ୍କୁଲ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଫଳରେ ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇ ଥିବା ଛାତ୍ରୀଛାତ୍ର ନୂଆଗାଁ ହାଇସ୍କୁଲ ପରିସରରେ ପାଠ ପଢୁଛନ୍ତି। ତେବେ କୋର୍ଟକୁ ଯାଇଥିବା ଆଦର୍ଶ ବିଦ୍ୟାଳୟର ବିଭିନ୍ନ ମାମଲାର ଅନ୍ତ ଘଟି ନୂଆଗାଁଠାରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହେବା ଚୂଡ଼ାନ୍ତ ହୋଇଛି। ତେଣୁ ଆଦର୍ଶ ବିଦ୍ୟାଳୟରେ ପଢୁଥିବା ବାଳକମାନଙ୍କ ନିମନ୍ତେ ନୂଆଗାଁଠାରେ ହଷ୍ଟେଲ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଗୋପବନ୍ଧୁ ଧୀର, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ନୂଆଗାଁ ପୂର୍ବତନ ସମିତି ସଭ୍ୟ ଗୋପବନ୍ଧୁ ଖଣ୍ଡୁଆଳ, ଯୁକ୍ତ୩ ଡିଗ୍ରୀ କଲେଜ ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ, ପ୍ରକାଶ କୁମାର ସାହୁ, ଗଜେନ୍ଦ୍ର ନାଥ ପ୍ରଧାନ, ସୁଧୀର କୁମାର ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ନୂଆଗାଁ ଆଦର୍ଶ ବିଦ୍ୟାଳୟରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନଙ୍କୁ ନୂଆଗାଁ ଆଦର୍ଶ ବିଦ୍ୟାଳୟ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଇଥିଲା।

# ସରସ୍ୱତୀ ବିହାର ରାସ୍ତା କର୍ଦ୍ଦମାକ୍ତ



ରାସ୍ତାରେ ଜମିରହିଥିବା ବର୍ଷାପାଣି।

- ରାସ୍ତାକୁ ମରାମତି ନ କରି ଖାଲଖମା କରି ଛାଡିଦେଲେ
- ନର୍କ ଯନ୍ତ୍ରଣା ଭୋଗୁଛନ୍ତି ୨୦ ପରିବାର

ନୟାଗଡ଼,୨୪।୬(ଲୋକନାଥ ମିଶ୍ର): ନୟାଗଡ ମ୍ୟୁନିସିପାଲିଟି ୧୦ ନଂ ୱାର୍ଡ ସରସ୍ୱତୀ ବିହାର ରାସ୍ତା କର୍ଦ୍ଦମାକ୍ତ ହୋଇ ପଡିଛି। ନୟାଗଡ଼ ଷ୍ଟାଡିୟମ ଭିତରେ ନିର୍ମାଣ ଚାଲିଥିବା ସୁଇମିଂ ପୁଲ ଓ ଇଣ୍ଡୋର ଷ୍ଟାଡିୟମ ପାଇଁ ଭାରିଯାନ ସଂପୃକ୍ତ ରାସ୍ତାରେ ଯାତାୟତ କରିବା ଦ୍ୱାରା ରାସ୍ତାଟି ନଷ୍ଟ ହୋଇ ଖାଲଖମା ହୋଇ ରହିଥିଲା। ମୌସୁମୀ ବର୍ଷା ଯୋଗୁ ରାସ୍ତାରେ ଯାତାୟତ କରି ହେଉ ନ ଥିବାରୁ ଏଠାରେ ରହୁଥିବା ୨୦ ପରିବାରର ୬୦ ଲୋକ ନର୍କ ଯନ୍ତ୍ରଣା ଭୋଗୁଛନ୍ତି।

ସରସ୍ୱତୀ ବିହାରର ୫୦୦ମିଟର ରାସ୍ତାକୁ କଂକ୍ରିଟ କରାଯାଇନାହିଁ। କିଛି ମାସ ତଳେ ଏଆରଏସ୍ଏସ୍ କମ୍ପାନୀ ସୁଇମିଂ ପୁଲ୍‌ରୁ ମାଟି ସଂପୃକ୍ତ ରାସ୍ତାରେ ନେବା ପାଇଁ ରାସ୍ତାରେ ପାଣି ଛିଞ୍ଚି ମାଟି ପରିବହନ କରିଥିଲା। ରାସ୍ତାରେ ହାଇୱା, ଟ୍ରାକ୍ଟର ବାରମ୍ବାର ଯାତାୟତ କରିବା ଦ୍ୱାରା ପ୍ରାୟ ୨୦୦ ମିଟର ରାସ୍ତାରେ ବଡ ବଡ ଖାଲ ସୃଷ୍ଟି ହୋଇଥିଲା। ସେହିପରି ଇଣ୍ଡୋର ଷ୍ଟାଡିୟମ ପାଇଁ ଯାନବାହନ ଚଳାଚଳ ମଧ କରିଥିଲା। ଉଭୟ କାମ ଯୋଗୁ ରାସ୍ତା ଅଧିକ ଖାଲ ହେବା ପରେ ଭାରି ଯାନ ଚଳାଚଳକୁ ବିରୋଧ କରାଯାଇଥିଲା। ତେବେ ଏଆରସିଏସ୍ଏସ୍ କମ୍ପାନୀ ପକ୍ଷରୁ ରାସ୍ତା ମରାମତି କରାଯିବାର ପ୍ରତିଶୃତି ଦେଇ ରାସ୍ତାରେ ଭାରି ଯାନ ପୁଣି ଚଳାଚଳ କରିଥିଲା। ବର୍ଷା ଋତୁ ଆସିବା ପୂର୍ବରୁ ଏଆରସିଏସଏସ କମ୍ପାନୀ ରାସ୍ତା ମରାମତି ନ କରି ଚାଲି ଯାଇଥିଲା। ଏଣୁ ରାସ୍ତା ସାରା ଖାଲଖମା ହୋଇ ପାଣି ଜମା ହୋଇ କାଦୁଅ ପଚ ପଚ ହୋଇ ରହିଛି। ଏହାର ନିରାକରଣ ନ କଲେ ସ୍ଥାନୀୟ ବାସିନ୍ଦା ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶଥାଉକି ପୋଲିସ ଟ୍ରେନିଂ ସ୍କୁଲରୁ ଡିଆରଡିଏ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାରୁ ସରସ୍ୱତୀ ବିହାର ରାସ୍ତା ମିଶିଛି। ଏହି ରାସ୍ତାର ଡ୍ରେନ ଓ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ମ୍ୟୁନିସିପାଲିଟିରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି। ତେବେ ଏଯାବତ ଅର୍ଥ ମଞ୍ଜୁର ହୋଇ ନାହିଁ।

# ପ୍ରସନ୍ନ, ପ୍ରହ୍ଲାଦଙ୍କ ପାଇଁ ସ୍ମୃତିଚାରଣ ସଭା

ନୟାଗଡ଼,୨୪।୬(ଲୋକନାଥ ମିଶ୍ର)



ସ୍ମୃତିସଭାରେ ଯୋଗଦେଇଥିବା ସାହିତ୍ୟିକ।

ନୟାଗଡ଼ର ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ଦଶପଲ୍ଲା ଗଠନ ପରିବାରର ବୟୋଜ୍ୟେଷ୍ଠ ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଓ ବରିଷ୍ଠ କବି ପ୍ରସନ୍ନ କୁମାର ହୋତା ଏବଂ ନୟାଗଡ଼ ଜିଲା ଲେଖକ ପରିଷଦର ଅନ୍ୟତମ ସକ୍ରିୟ ସଦସ୍ୟ, ରଘୁନାଥ ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଦସ୍ୟ, ଆଦର୍ଶ ଶିକ୍ଷକ, ପ୍ରକୃତିବନ୍ଧୁ ତଥା ଅମାୟିକ ବ୍ୟକ୍ତିତ୍ୱ ପ୍ରହ୍ଲାଦ ବେହେରାଙ୍କ ମୃତ୍ୟୁ ନୟାଗଡ଼ ସାହିତ୍ୟ ପାଇଁ ଅପୂରଣୀୟ କ୍ଷତି। ଉଭୟଙ୍କ ଅମର ଆତ୍ମାର ସଦଗତି ତଥା ସ୍ମୃତିଚାରଣ ପାଇଁ ନୟାଗଡ଼ର ପ୍ରମୁଖ ସାହିତ୍ୟ ଓ ସାମାଜିକ ସଙ୍ଗଠନ ଯଥା ନୟାଗଡ଼ ଜିଲା ଲେଖକ ପରିଷଦ, ପରମ୍ପରା ସାହିତ୍ୟ ଅନୁଷ୍ଠାନ, ମୈତ୍ରୀ ଯୁବ ସଂସଦ, ମା 'ଫାଉଣ୍ଡେଶନ ଓ ସଦାନନ୍ଦବ୍ରହ୍ମା ସାହିତ୍ୟ ପରିଷଦ ତରଫରୁ ମିଳିତ ସ୍ମୃତି ଚାରଣ ସଭା ସରକାରୀ ଉଚ୍ଚ ବିଦ୍ୟାଳୟ ସିନ୍ଦୁରିଆଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ମୃତିଚାରଣ ସଭାରେ ଜିଲା ଲେଖକ ପରିଷଦର ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ମଞ୍ଚରେ ଉପସ୍ଥିତ ଥିଲେ ସାମାଜିକ କର୍ମୀ ଦାମୋଦର ସାହୁ,ପରମ୍ପରା ସମ୍ପାଦକ ନିର୍ମଳ ଚନ୍ଦ୍ର ଶୂରଦେଓ, ଶିଶୁ ସାହିତ୍ୟିକା ତଥା ବରିଷ୍ଠ କବି ସୁକାନ୍ତି ମହାନ୍ତି, ବରିଷ୍ଠ କବି ତଥା ସିନ୍ଦୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସୁଦର୍ଶନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଦିବଙ୍ଗତ ଉଭୟ ସାହିତ୍ୟିକଙ୍କ ବହୁମୁଖୀ ପ୍ରତିଭା ଉପରେ ଯଥାକ୍ରମେ ମୈତ୍ରୀ ସମ୍ପାଦକ ପ୍ରଦୀପ ସାହୁ, ସାମାଜିକ କର୍ମୀ ଅନାଦି ଚରଣ ମହାନ୍ତି, ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ଓ ମହାବିଦ୍ୟାଳୟର ସେବାନିବୃତ୍ତ ଅଧ୍ୟକ୍ଷ ଉମର ମଲ୍ଲିକ, କବି ଗୋପୀନାଥ ସେଠୀ, କବି ବୀରେନ ହୋତା, ବ୍ୟଙ୍ଗକବି ଘରବୁଡ଼ା ଓରଫ ପ୍ରତାପ ସାହୁ ଓ ଯୁବ କବି ପ୍ରଭୁଦତ୍ତ ପ୍ରଧାନ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଅନ୍ୟତମ ଯୁବପ୍ରତିଭା ଯଜ୍ଞଦତ୍ତ ପ୍ରାରମ୍ଭରେ ଆଧ୍ୟାତ୍ମିକ ଭଜନ ଗାଇ ସ୍ୱର୍ଗତ ବେହେରାଙ୍କ ସ୍ମୃତି ଚାରଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଜିଲା ଲେଖକ ପରିଷଦର ସମ୍ପାଦକ ଶେଖ ଅବଦୁଲ ଖାଲିକ ସଂଯୋଜନା କରିଥିବା ବେଳେ ପରିଷଦର ସହସମ୍ପାଦିକା ସୌଦାମିନୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁରୁଣା ପିଚୁ ନ କାଢ଼ି ଚାଲିଛି ରାସ୍ତା କାମ

- ବିଭାଗୀୟ କର୍ମଚାରୀଙ୍କ ଅନୁପସ୍ଥିତିର ଫାଇଦା ଉଠାଉଛି ଠିକାସଂସ୍ଥା
- ନିମ୍ନମାନର ରାସ୍ତା ନିର୍ମାଣ ଓ କଚ୍ଛପ ଗତିରେ କାମ ଯୋଗୁ ଜନ ଅସନ୍ତୋଷ



ପୁରୁଣା ପିଚୁ ନ କାଢି କାମ ଚାଲିଛି।

ନୂଆଗାଁ,୨୪।୬(ଧନେଶ୍ୱର ସାହୁ): ଜନସାଧାରଣଙ୍କ ଗମନାଗମନର ସୁବିଧା ନିମନ୍ତେ ରାସ୍ତା ନିର୍ମାଣ କରିବା ପାଇଁ ସରକାର ବହୁ କୋଟି ଟଙ୍କା ଅନୁଦାନ ଦେଉଛନ୍ତି। ଅନେକ ସ୍ଥାନରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁ ଠିକ୍ ଭାବେ ରାସ୍ତା ନିର୍ମାଣ ହୋଇପାରୁନି। କିଛି ମାସ ପରେ ରାସ୍ତା ଖରାପ ହୋଇଗଲେ ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏନ୍ଏଚ୍ ୫୭ ମୁଦୁରାଙ୍ଗଠାରୁ କୋଶଲାଙ୍ଗ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଅତି ନିମ୍ନମାନର ସହ କଚ୍ଛପ ଗତିରେ ଚାଲିଥିବା ନେଇ ଜନ ଅସନ୍ତୋଷ ଦେଖା ଦେଇଛି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଉଦୟପୁରଠାରୁ ଜିଙ୍ଗିନିପଡା ରାସ୍ତା ଅତ୍ୟନ୍ତ ଶୋଚନୀୟ ହେବା ସହ ଆଦିବାସୀ ଗ୍ରାମ କୋଶଳାଙ୍ଗ, ଆଙ୍ଗିସିଙ୍ଗି ଗ୍ରାମକୁ ରାସ୍ତା ନ ଥିଲା। ଯାହା ଫଳରେ ସେହି ଗ୍ରାମଗୁଡିକୁ ଆମ୍ବୁଲାନ୍ସ ଯାଇପାରୁ ନ ଥିଲା। ରୋଗୀମାନଙ୍କୁ ଖଟିଆରେ ବୁହା ହୋଇ ଡାକ୍ତରଖାନା ଅଣାଯାଉଥିଲା। ସ୍କୁଲ କଲେଜ ଛାତ୍ରୀଛାତ୍ରମାନେ ପାଠ ପଢିବାକୁ ଆସିପାରୁ ନ ଥିଲେ। କୋଶଳାଙ୍ଗକୁ ଯିବା ରାସ୍ତାରେ ଥିବା ସାପୁଆ ନଦୀରେ ଜଣେ ଶିକ୍ଷକ ଭାସି ଯାଇଥିଲେ। ରାସ୍ତା ସମସ୍ୟା ନେଇ ବାରମ୍ବାର ଅଭିଯୋଗ ପରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ମୁଦୁରାଙ୍ଗଠାରୁ କୋଶଳାଙ୍ଗ ରାସ୍ତା ନିର୍ମାଣ କରିବା ପାଇଁ ସରକାର ୩୬୦.୨୬ ଲକ୍ଷ ଟଙ୍କା ଅନୁଦାନ ଦେଇଛନ୍ତି। ତେବେ ରାସ୍ତା କାମ ନେଇଥିବା ଠିକାସଂସ୍ଥା କଚ୍ଛପ ଗତିରେ ରାସ୍ତା ନିର୍ମାଣ କାର୍ଯ୍ୟ କରୁଛି। ନିୟମ ଅନୁସାରେ ରାସ୍ତାରେ ଥିବା ପୁରୁଣା ପିଚୁ ସବୁକୁ ଖୋଳି ବାହାର କରିବା ପରେ ନୂଆ ମେଣ୍ଟାଲ ବିଛାଇ କାର୍ଯ୍ୟ କରିବା କଥା। କିନ୍ତୁ ଠିକାଦାର ତାହା ନ କରି ପୁରୁଣା ପିଚୁ ଉପରେ ମେଣ୍ଟାଲ ବିଛାଉ ଥିବା ଅଭିଯୋଗ ହେଉଛି। କେବଳ ଲୋକ ଦେଖାଣିଆ ଭାବେ ଅଳ୍ପ କିଛି ପିଚୁ ବାହାର କରି ଦିଆଯାଉଛି। ରାସ୍ତା ଖୋଳିପକାଇ ଧୀରେ ଧୀରେ କାମ କରୁଥିବାରୁ ଲୋକମାନଙ୍କ ଯାତାୟାତରେ ନାହିଁ ନ ଥିବା ଅସୁବିଧା ହେଉଛି। ଅଳ୍ପଦିନ ହେଲା ହୋଇଥିବା କଂକ୍ରିଟ ରାସ୍ତା ଫାଟି ଆଁକଲାଣି। ତେବେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁ ଠିକାଦାର ନିମ୍ନମାନର କାମ କରିବାର ସୁଯୋଗ ପାଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ ବାବଦରେ ନୂଆଗାଁ ଆରଡି କନିଷ୍ଠ ଯନ୍ତ୍ରୀ ହିତାଞ୍ଜଳି ପଣ୍ଡାଙ୍କୁ ପଚାରିବାରେ ମୁଁ କାର୍ଯ୍ୟକୁ ତଦାରଖ କରୁଛି। ଯଦି କେଉଁଠି ପୁରୁଣା ପିଚୁ ବାହାର ନ ହୋଇଛି ଠିକାଦାରକୁ କହି ବାହାର କରି ରାସ୍ତା ନିର୍ମାଣ ହେବ ବୋଲି କହିଛନ୍ତି ଯନ୍ତ୍ରୀ ପଣ୍ଡା।

